## ମହିଳାଙ୍କ ମୃତଦେହ ଜବତ

**ହାଟଡିହୀ,(ଡି.ଏନ.ଏ.):** କେନ୍ଦୁଝର ଜିଲା ସୋସୋ ଥାନା ଜମ୍ବିରା ପଞ୍ଚାୟତ ଦଶରାପଦା ଗାଁରୁ ଜଣେ ମହିଳାଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା କୁସୁପଦା ଗ୍ରାମର ମୀନା ନାଇକ। ହାଟଡ଼ିହୀ ତହସିଲଦାର ଦିଲୀପ କୁମାର ସାହୁ, ଅତିରିକ୍ତ ତହସଲଦାର ରଶ୍ମିରଞ୍ଜନ ଦାସ, ସୋସୋ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସେଠୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଛି।



## ସଂକ୍ଷେପରେ

### ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ କମ୍ପ୍ୟୁଟର ଚୋରି
**୫ ଅଭିଯୁକ୍ତ କୋର୍ଟ ଚାଲାଣ**

**ବିଶୋଇ,୧୬।୮(ଡି.ଏନ.ଏ) :** ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ୪୯ନଂ. ଜାତୀୟ ରାଜପଥର ନୂଆଗାଁ ଛକ ନିକଟରେ ଓଲଟି ପଡ଼ିଥିବା ଏକ କଣ୍ଟେନର ମଧରୁ କମ୍ପ୍ୟୁଟର ମନିଟର ଚୋରି କରିବା ଘଟଣାରେ ୫ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟଚାଲାଣ କରିଛି। ସେମାନଙ୍କଠାରୁ ଚୋରି ହୋଇଥିବା ୩୦ ମନିଟରକୁ ପୋଲିସ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିଶୋଇ ଥାନା ନୂଆଗାଁ ଗ୍ରାମର ସରୋଜ ମହାନ୍ତ, କୃଷ୍ଣଚନ୍ଦ୍ର ମହାନ୍ତ,ସଞ୍ଜୟ ମହାନ୍ତ, ସୁରେନ୍ଦ୍ର ନାଏକ ଓ ଦୁର୍ଯ୍ୟୋଧନ ନାଏକ। ଗତ ୧୨ ତାରିଖ ରାତିରେ କଣ୍ଟେନରଟି ଓଲଟି ପଡିଥିଲା। ପରେ ଦୁର୍ବୃତ୍ତମାନେ ସେଠାରୁ ମନିଟର ଚୋରି କରିନେଇଥିଲେ।

### ଶ୍ୱଶୁର, ଶଳାଙ୍କ ଛୁରା ମାଡ଼ରେ ଜ୍ୱାଇଁ ଗୁରୁତର

**ଢେଙ୍କିକୋଟ :୧୬।୮(ଡି.ଏନ.ଏ.):** କେନ୍ଦୁଝର ଜିଲା ଢେଙ୍କିକୋଟ ବିଟ ହାଉସ ଅଧୀନ ମଥୁରାପଶି ଗ୍ରାମରେ ସୋମବାର ରାତିରେ ଶ୍ୱଶୁର, ଶଳାଙ୍କ ଛୁରା ମାଡ଼ରେ ଜ୍ୱାଇଁ ଗୁରୁତର ହୋଇଛନ୍ତି। ବାରିଆ ଥାନା ଅଞ୍ଚଳର ଲଳିତ ମହାନ୍ତଙ୍କ ଝିଅ ଲିଟନ ମହାନ୍ତଙ୍କୁ ସହିତ ଜୁଲାଇ ୧୮ ତାରିଖରେ ବୈଦିକ ରୀତିରେ ବିବାହ କରିଥିଲେ। ଗତ ସୋମବାର ଲଳିତ ମହାନ୍ତ ଓ ତାଙ୍କ ପୁଅ ଅଶୋକ ଜ୍ୱାଇଁ ଲିଟନଙ୍କ ଘରକୁ ଆସି ରାତିରେ ଗୋଟିଏ ବାଇକ୍‌ରେ ଝିଅଙ୍କୁ ନେଇକି ଯିବେ ବୋଲି କହିଥିଲେ। ୩ ଜଣ ଯିବା ପାଇଁ ଲିଟନ ବାରଣ କରିବାରୁ ଉଭୟଙ୍କ ମଧରେ କଥା କଟାକଟି ସାଙ୍ଗକୁ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଲିଟନଙ୍କ ଶଳା ଅଶୋକ ରାଗିଯାଇ ଏକ ଧାରୁଆ ଛୁରୀରେ ଲିଟନଙ୍କ ପେଟ ଓ ଛାତିକୁ ମାରିବାରୁ ଲିଟନଙ୍କ ଅନ୍ତବୁଜୁଳା ବାହାରି ରକ୍ତ ଜୁଡୁବୁଡୁ ହୋଇଥିଲେ। ସେ ଚିତ୍କାର କରି ତଳେ ପଡ଼ିଯାଇଥିଲେ। ଫଳରେ ଉଭୟ ବାପ ପୁଅ ଜ୍ୱାଇଁ ଘରେ ବାଇକ୍ ଛାଡି ଦେଇ ଅନ୍ଧାରର ସୁଯୋଗ ନେଇ ଦୌଡ଼ି ପଳାଇଗଲେ। ଖବର ପାଇ ଢେଙ୍କିକୋଟ ପୋଲିସ ବିଟ ହାଉସ ଅଧିକାରୀ ସବ ଇନ୍ସପେକ୍ଟର ତରଣୀ ସେନ ବାଗ, ମହିଳା କନଷ୍ଟେବଳ ନଳିନୀ ମହାନ୍ତ, ତୁରନ୍ତ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ଏ ନେଇ ଘଟଗାଁ ଥାନାରେ ଏକ ମାମଲା (ନଂ.୧୬୬/୨୨) ରୁଜୁ ହୋଇଛି।

### ଓଲଟା ଜାତୀୟ ପତାକା ଲଗାଇ ହଟହଟା

**ବାହାନଗା, ୧୬।୮(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ନୂଆପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସ୍ୱାଧୀନତା ଦିବସ ପାଳନ ଅବସରରେ ସରପଞ୍ଚ ଜାତୀୟ ପତାକାକୁ ଓଲଟା ଉତ୍ତୋଳନ କରିବା ପରେ ଉପସ୍ଥିତ କର୍ମୀ ଓ ଜନସାଧାରଣ ଦେଖି ତୁରନ୍ତ ପତାକାକୁ ତଳକୁ ଆଣି ପୁନର୍ବାର ଠିକ୍ ଭାବେ ଲଗାଇ ଉତ୍ତୋଳନ କରିଥିଲେ । ଏହାକୁ ନେଇ କିଛି ସମୟ ଚର୍ଚ୍ଚା ଜୋର ଧରିଥିଲା। ଏ ସମ୍ପର୍କିତ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାପରେ ସରପଞ୍ଚଙ୍କୁ ହଟହଟା ହେବାକୁ ପଡିଛି। ଏ ସମ୍ପର୍କରେ ସରପଞ୍ଚ ଅଟଳବିହାରୀ ନାୟକ କହିଛନ୍ତି, ମୋ ଅନୁପସ୍ଥିତିରେ ୱାର୍ଡସଭ୍ୟ ଓ ପଞ୍ଚାୟତ କର୍ମଚାରୀମାନେ ପତାକା ବାନ୍ଧି ରଖିଥିଲେ। ଅନ୍ୟ ସ୍ଥାନରେ ପତାକା ଉତ୍ତୋଳନ କରିବା ପରେ ମୁଁ ପଞ୍ଚାୟତକୁ ଯାଇଥିଲି। ସେଠାରେ କେବଳ ଉତ୍ତୋଳନ କରିବା ପରେ ଓଲଟା ଉଡୁଥିବା ଦେଖିଥିଲି।

# ୧୦୦ ପରିବାର ପାଣିଘେରରେ

- ଗାଁରେ ପଶିଲା ବନ୍ୟାଜଳ
- ରାତିରେ ନଦୀବନ୍ଧକୁ ଜଗି ରହୁଛନ୍ତି ଲୋକେ

**ଆରଡ଼ି, ୧୬।୮(ଡି.ଏନ.ଏ.)**

ଭଦ୍ରକ ଜିଲାର ଚାନ୍ଦବାଲି ବ୍ଲକର ଓଳଗ, ଆରଡି, ନାନ୍ଦପୁର, ସୁନ୍ଦରପୁର ଆଦି ପଞ୍ଚାୟତରେ ଥିବା ୧୦ଟି ଗାଁ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ସୋମବାର ସନ୍ଧ୍ୟାରେ ବୋଡକ ନିକଟରେ ଏନ୍‌ଏଚ୍‌୨୦ ରାସ୍ତା ବୁଡ଼ିଯିବାରୁ ଆରଡ଼ି-ଯାଜପୁର ଗମନାଗମନରେ ବାଧା ଉପୁଜିଛି । ବୋଡକ, ମୁଆଁ, ସନ୍ତରା, ଦୋହରା ପାଟଣା ଆଦି ଗାଁର ପ୍ରାୟ ୧୦୦ ପରିବାର ବନ୍ୟା ଘେରରେ ରହିଛନ୍ତି। ଦୋହରା ପାଟଣା ମଳିକ ସାହିରେ ନଦୀବନ୍ଧରେ ଘଳିଆ ପଡି କିଛି ପରିବାରଙ୍କ ଘରେ ବନ୍ୟାଜଳ ପଶି ଯାଇଛି। ଏଠାରେ ରାତିରେ ଲୋକମାନେ ନଦୀବନ୍ଧକୁ ଜଗି ରହୁଛନ୍ତି। ବୋଡ଼କ ରାସ୍ତା ପାର୍ଶ୍ୱରେ ଥିବା ପରିବାର ଲୋକେ ଡଙ୍ଗା ସାହାଯ୍ୟରେ ପାନୀୟ ଜଳ ଓ ଅତ୍ୟାବଶ୍ୟକ ସାମଗ୍ରୀ ନେଉଥିବା ଦେଖିବାକୁ ମିଳିଛି । ଏପଟେ ମୁଆଁ ଘୋଷରାରେ ବନ୍ୟାଜଳ ପ୍ରାୟ ୪ ଫୁଟ ଆକାରରେ ପ୍ରବାହିତ ହେଉଛି । ଫଳରେ ମୁଆଁ, ସନ୍ତରା, ସିଙ୍ଗିପୁର, ବାତୋଳ, ସାନପଙ୍କି ଆଦି ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି । ସେହିପରି ଭୂଇଁପୁର ରାସ୍ତାରେ ଥିବା ଘୋଷରାରେ ୩ ଫୁଟ ଉଚ୍ଚର ବନ୍ୟଜଳ ପ୍ରବାହିତ ହେଉଛି । ଫଳରେ ଭୂଇଁପୁର, କୋଇଲଖା, ପାଲଟପୁର ଆଡି ଗାଁର ଲୋକମାନେ ଏକରକମ ଜଳବନ୍ଦୀ ହୋଇ ରହିଛନ୍ତି। ରବିବାର ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ବୋଡକ ନିକଟରେ ରାସ୍ତା ବୁଡ଼ିଥିବା ସ୍ଥାନ ବୁଲି ଦେଖିଥିଲେ। ଏଠାରେ ଥିବା ରାସ୍ତା କାମକୁ ଜାଣିଶୁଣି ନିମ୍ନ ମାନର କରାଯାଉଛି ଓ ଶାସକଦଳ ଏବଂ ବିଭାଗୀୟ ଅଧିକାରୀ ମାନେ ଏହାକୁ ଲେଉଟିଆ ଶାଗ କିଆରି କରି ଅର୍ଥ ଆତ୍ମସାତ କରୁଥିବା ମନମୋହନ ଅଭିଯୋଗ କରିଛନ୍ତି। ସେହିପରି ଚାନ୍ଦବାଲି ବିଧାୟକ ବିଧାୟକ ବ୍ୟୋମକେଶ ରାୟ, ଜିଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, ରଞ୍ଜନ ସାହୁ, ଅଶୋକ ବଳ, ଜିତେନ୍ଦ୍ର ପାଣି ପ୍ରମୁଖ ବନ୍ୟାଞ୍ଚଳ ବୁଲି ଦେଖିଥିଲେ। ବୋଡ଼କ ନିକଟରେ ରାସ୍ତା ମରାମତିକୁ ସ୍ଥାୟୀ କରାଯିବା ପାଇଁ ବ୍ୟବସ୍ଥା ହୋଇଛି ବୋଲି ବ୍ୟୋମକେଶ କହିଛନ୍ତି। ଭଦ୍ରକ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମଧ୍ୟ ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ବନ୍ୟାର ଲୋକେ ୨ଦିନ ହେଲା ପ୍ରଭାବିତ ହୋଇଥିଲେବି ସେମାନଙ୍କ ପାଖରେ କୌଣସି ସରକାରୀ ସାହାଯ୍ୟ ପହଞ୍ଚି ନାହିଁ ବୋଲି ବନ୍ୟା ବିପନ୍ନ କହିଛନ୍ତି।


ଦୋହରା ପାଟଣା ମଳିକ ସାହିରେ ବନ୍ୟାଜଳ ଲହଡ଼ି ଭାଙ୍ଗୁଛି।

# କେନାଲରେ ଘାଇ, ବୁଡ଼ିଲା ଚାଷ ଜମି

**ବାରିପଦା ଅଫିସ,୧୬।୮**

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ବୁଡିଖମାରୀ ନିକଟସ୍ଥ ଆହାରୀ ଗ୍ରାମରେ ନିର୍ମାଣାଧୀନ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଶାଖା କେନାଲରେ ଘାଇ ସୃଷ୍ଟି ହେବାରୁ ଚାଷଜମି ଜଳମଗ୍ନ ହୋଇପଡ଼ିଛି। ଫଳରେ ଧାନ ତଳି ପଡ଼ିଥିବା ଜମିଗୁଡ଼ିକରେ ମାଟିକାଦୁଅ ଭର୍ତ୍ତି ହେବା ସହିତ ଧାନଚାଷ ବ୍ୟାପକ ଭାବେ ନଷ୍ଟ ହୋଇଛି। ବିଭାଗୀୟ ଅଧିକାରୀମାନେ ନିର୍ମାଣ କାର୍ଯ୍ୟକୁ ପରଖୁ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଚାଷୀଙ୍କ ସମସ୍ୟା ଦ୍ୱିଗୁଣିତ ହେବାକୁ ବସିଛି । ଅତି ନିମ୍ନମାନର କାର୍ଯ୍ୟ କରାଯାଇଥିବାରୁ କେନାଲରେ ପାଣି ଆସିବା ପୂର୍ବରୁ ବର୍ଷା ଜଳରେ କେନାଲ ଭୁଶୁଡ଼ି ପଡ଼ିବା ଘଟଣାକୁ ନେଇ ଗ୍ରାମବାସୀମାନେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

ଲଗାଣ ବର୍ଷା ଯୋଗୁ ଆହାରୀ ଗ୍ରାମ ଦେଇ ଯାଇଥିବା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଶାଖା କେନାଲରେ ସୋମବାର ଘାଇ ସୃଷ୍ଟି ହୋଇଥିଲା। ଫଳରେ ଧାନ ଚାଷ ଆରମ୍ଭ ହେବା ପୂର୍ବରୁ କ୍ଷତି ହୋଇଛି ବୋଲି ଚାଷୀ ଶୁକଦେବ ମହାନ୍ତ ଓ ଧନେଶ୍ୱର ନାଏକ ପ୍ରକାଶ କରିଛନ୍ତି । ତେବେ ନିର୍ମାଣ କାର୍ଯ୍ୟ ଅତିନିମ୍ନମାନର କରାଯାଇଥିବାରୁ ଏଭଳି ପରିସ୍ଥିତି ଉପୁଜିଛି ବୋଲି ଗ୍ରାମବାସୀ ସନିଆ ନାଏକ, ଗୌରମୋହନ ସିଂ ଓ ଜିତରାୟ ସିଂ କହିଛନ୍ତି। ଏ ସଂକ୍ରାନ୍ତରେ ସହକାରୀଯନ୍ତ୍ରୀ ମନୋଜ ଦଳବେହେରା କହନ୍ତି, ମଙ୍ଗଳବାର ଘାଇକୁ ବନ୍ଦ କରାଯାଇଛି। କ୍ଷତି ହୋଇଥିବା ଚାଷଜମିର ଚାଷୀମାନଙ୍କୁ କ୍ଷତିପୂରଣ ଭରଣା କରାଯିବ।


କେନାଲରେ ସୃଷ୍ଟି ହୋଇଥିବା ଘାଇ।

# କମୁଛି ଜଳକା, ବଢୁଛି ଦୁର୍ଦ୍ଦଶା

**ଏବେବି ପାଣିଘେରରେ ୭ ପଞ୍ଚାୟତ**

**ରୂପସା, ୧୬।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଦେଇ ପ୍ରବାହିତ ଜଳକା ନଦୀର ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ମଙ୍ଗଳବାର ବନ୍ୟା ପ୍ରଭାବ ସାମାନ୍ୟ କମିବା ସହିତ ଜଳକା ନଦୀର ଜଳସ୍ତର ୬.୩୧ ମି.ରେ ପହଞ୍ଚିଛି। ମାତ୍ର ବିପଦସଂକେତ ଉପରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ସମ୍ପୂର୍ଣ୍ଣ ବିପଦ ଟଳିନାହିଁ। ବନ୍ୟାପାଣି କମିଲେ ବି ୭/୮ଟି ପଞ୍ଚାୟତର ୫୦ରୁ ଅଧିକ ଗ୍ରାମ ପାଣିଘେରରେ ରହିଛି। ୧୧ ତାରିଖ ସନ୍ଧ୍ୟାରେ ଜଳକା ବିପଦ ସଂକେତ ୫.୫୦ ଅତିକ୍ରମ କରିଥିଲା। ୧୪ତାରିଖ ରାତିରେ ଏହା ୬.୫୧ ମି ରେ ପହଞ୍ଚିଥିଲା। ଫଳରେ ମଥାନୀ, ଦୁଧହଂସା, ବକ୍ଷସୁଚକୁରି, ବହାର୍ଦ୍ଧା, ଇଡ଼ିଦା, କୁଡ଼ିଆ, ରାଉତପଡା, ଗଡ଼ପଦା, ସାହାଡ଼ା ଓ ସଦର ବ୍ଲକର ରସଲପୁର, ଶ୍ରୀରାମପୁର ଓ କୁରାଡ଼ିହା ପଞ୍ଚାୟତର ଅନେକ ଗ୍ରାମ ପାଣି ଘେରରେ ରହିଥିଲା। ମଥାନୀ, ଦୁଧହଂସା ଓ ରସଲପୁର ପଞ୍ଚାୟତ ଗତ ୧୧ ତାରିଖଠାରୁ ପାଣିଘେରରେ ରହିଛି। ବନ୍ୟାଜନିତ କ୍ଷୟକ୍ଷତି କିଛି ହୋଇ ନ ଥିବା ବେଳେ ଗତ ୧୨ ତାରିଖରୁ ଶତାଧିକ ହେକ୍ଟର ଚାଷଜମି ବନ୍ୟାଜଳରେ ବୁଡ଼ିରହିଛି। ଯାହାଦ୍ୱାରା ଧାନଗଛ ସବୁ ପଚିବାକୁ ଲାଗିଲାଣି। ବୁଧବାରଠାରୁ ପୁଣି ଏକ ଲଘୁଚାପ ଥିବାରୁ ଏବଂ ଜଳକା ନଦୀର ଜଳସ୍ତର ବିପଦ ସଂକେତ ଉପରେ ପ୍ରବାହିତ ହେଉଥିବାରୁ ଚାଷୀମାନେ ହତାଶ ହୋଇପଡ଼ିଛନ୍ତି। ବାରମ୍ବାର ଲଘୁଚାପଜନିତ ବର୍ଷା ଓ ବନ୍ୟା ଯୋଗୁ ଦୁର୍ଦ୍ଦଶା ବଢ଼ିଯାଇଛି ବୋଲି ଚାଷୀ ଚନ୍ଦନ ଦାସ, ସତ୍ୟନାରାୟଣ ଚଣ୍ଡ, ସୋରେନ ସିଂ, ସନ୍ତୋଷ ନନ୍ଦୀ ପ୍ରମୁଖ କହିଛନ୍ତି। ଅପରପକ୍ଷରେ ତହସିଲଦାର କାର୍ତ୍ତିକ କୁମାର ଦାସ ଓ ଜଳସେଚନ ବିଭାଗ କନିଷ୍ଠଯନ୍ତ୍ରୀ ମହେଶ୍ୱର ସିଂ ବନ୍ୟା ପରିସ୍ଥିତି ପ୍ରତି ପ୍ରଶାସନ ପକ୍ଷରୁ ସଜାଗ ଥିବା ଓ ବନ୍ୟା ପ୍ରପୀଡ଼ିତଙ୍କ ପାଇଁ ଶୁଖିଲା ଖାଦ୍ୟ ପ୍ରସ୍ତୁତ ରଖାଯାଇଥିବା କହିଛନ୍ତି।

ପ୍ରଥମ ଜନ୍ମଦିନ ଶୁଭେଚ୍ଛା



ଆୟୁଷମାନ୍ ପଣ୍ଡା
ଗ୍ରାମ/ପୋ- କୋଦଳା, ଗଞ୍ଜାମ
ଆଜି ପ୍ରଥମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରାନ୍ତୁ।
ଶୁଭେଚ୍ଛା ସହ: ବବୁଲ୍ ଭାଇ ଓ ସ୍ମୃତି ଦିଦି ।
ଧ-୧୨୭୬

# ଆଜି ୧୨ ଘଣ୍ଟିଆ ମୟୂରଭଞ୍ଜ ବନ୍ଦ

**ବାରିପଦା ଅଫିସ,୧୬।୮**

ମୟୂରଭଞ୍ଜ ଜିଲା ବାଇଗଣବାଡ଼ିଆସ୍ଥିତ ଏକ ବୈଷୟିକ ଶିକ୍ଷା ତାଲିମ କେନ୍ଦ୍ରରେ ନିର୍ଯାତନାର ଶିକାର ହୋଇଥିବା ଛାତ୍ରମାନଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବୁଧବାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଜିଲା ବନ୍ଦ ଡାକରା ଦିଆଯାଇଛି। ଛାତ୍ରମାନଙ୍କୁ ମାଡ଼ ମାରିଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ସହ ସେମାନଙ୍କର ଭବିଷ୍ୟତ ସହ ଖେଳ ଖେଳିଥିବା ବେନିୟମ ଶିକ୍ଷାନୁଷ୍ଠାନକୁ ସିଲ୍ କରି ଉକ୍ତ ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ଅନ୍ୟତ୍ର ପାଠ ପଢିବାର ସୁଯୋଗ ଦିଆଯିବା ଦାବି କରାଯାଇଛି। ମୟୂରଭଞ୍ଜର ସମୂହ ଆଦିବାସୀ ସଂଗଠନ ପକ୍ଷରୁ ଏହି ୧୨ ଘଣ୍ଟିଆ(ସକାଳ ୬ରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ)ବନ୍ଦ ଡାକରା ଦିଆଯାଇଛି। ଏଥିରେ ମାସା ଆର୍ମି ଓଡ଼ିଶା, ଭଞ୍ଜସେନା, ପେସା ଗ୍ରାମସଭା, ଜେଏମ୍‌ଏମ, ବାସା, ମାଝୀପାରଗାନା ସେମଲେଦ, ଦଳିତ ଆଦିବାସୀ ସଂଘ, ଆମ ଆଦମି ପାର୍ଟି, ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ, ଆସେକା, ଆଦିବାସୀ ସେଙ୍ଗେଲ ଅଭିଯାନ ପ୍ରମୁଖ ଆଦିବାସୀ ସଙ୍ଗଠନ ସାମିଲ ହୋଇଛନ୍ତି। ଏହି ବନ୍ଦ ଡାକରା ପରିପ୍ରେକ୍ଷୀରେ ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର, ବ୍ୟବସାୟ ପ୍ରତିଷ୍ଠାନ, ବ୍ୟାଙ୍କ,ଶିକ୍ଷାନୁଷ୍ଠାନ ଆଦି ବନ୍ଦ କରାଯିବା ସହିତ ସମସ୍ତ ଯାନବାହନ,ବସ, ଟ୍ରେନ ଆଦି ଚଳାଇ ଦିଆଯିବ ନାହିଁ ବୋଲି ଆହ୍ୱାନ ଦିଆଯାଇଛି। ଏନେଇ ମଙ୍ଗଳବାର ସନ୍ଧ୍ୟାରେ ସମୂହ ଆଦିବାସୀ ସଙ୍ଗଠନ ପକ୍ଷରୁ ଏକ ବାଇକ୍ ରାଲି ବାରିପଦା ସହର ପରିକ୍ରମା କରିଥିଲା। ମାସା ଆର୍ମି ରାଜ୍ୟ ସଭାପତି ସୁକୁଲାଲ ମାର୍ଣ୍ଡି ଏବଂ ରାଜ୍ୟ ସାଧାରଣ ସମ୍ପାଦକ ଅର୍ଜୁନ ମୁର୍ମୁ, ଭଞ୍ଜସେନା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା,ପେସା ଗ୍ରାମସଭା ସଭାପତି ପାଣ୍ଡୁରାମ ହେମ୍ବ୍ରମ, ମାସା ଜିଲା ସଭାପତି ମୁକେଶ ମାର୍ଣ୍ଡି ଏହି ବାଇକ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

# ସ୍ଥିତି ଅନୁଧାନ କଲେ ଜିଲାପାଳ

**ବୈତରଣୀରେ ବନ୍ୟାଜଳ ବିପଦସଂକେତ ଊର୍ଦ୍ଧ୍ୱରେ**

**ଭଣ୍ଡାରିପୋଖରୀ, ୧୬।୮(ସ୍ୱ.ପ୍ର.)**

ଲଘୁଚାପଜନିତ ବର୍ଷା ଯୋଗୁ ବୈତରଣୀ ନଦୀର ଜଳପତ୍ତନ ୩ ଦିନ ହେବ ବିପଦସଂକେତ ଉପରେ ରହିଛି। ଏହି ବନ୍ୟାଜଳ କଣ୍ଟି ଏସ୍‌କେପ ଦେଇ ଭଣ୍ଡାରିପୋଖରୀ ବ୍ଲକ ମାଳଦା, ଷୋଳମପୁର, ନପଙ୍ଗ, ଝୁଟୁନାଁ ବନ୍ଦାଳ, ପଞ୍ଚାୟତ ସମ୍ପୂର୍ଣ୍ଣ ଜଳମଗ୍ନ କରିଥିବା ବେଳେ ରହଣିଆ, କୁରିଗାଁ, ତେସିଙ୍ଗା, ବାଲିପୋଖରୀ ଆଦି ପଞ୍ଚାୟତ ଆଂଶିକ ଜଳମଗ୍ନ ହୋଇଛି। ବୈତରଣୀ ନଦୀର ଜଳପତ୍ତନ ୧୮.୭୫ମି.ମି. ବୃଦ୍ଧି ପାଇବା ପରେ ସୋମବାର ରାତି ୮ଟାରୁ ଜଳପତ୍ତନ ହ୍ରାସ ପାଇ ମଙ୍ଗଳବାର ମଧ୍ୟାହ୍ନ ୧୨ଟା ସୁଦ୍ଧା ୧୮.୦୩ ରହିଛି। ବନ୍ୟା ସ୍ଥିତି ଅନୁଧାନ କରିବା ପାଇଁ ବିଧାୟକଙ୍କ ପ୍ରତିନିଧି ଇଂ ପ୍ରୟାସକାନ୍ତି ସାମଲ ଓ ଜିଲାପାଳ ଆନିକଟଠାରେ ପହଞ୍ଚି ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିବା ବେଳେ ଦୁର୍ବଳ ବନ୍ଧକୁ ଯଥାଶୀଘ୍ର ମରାମତି ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ବିଧାୟକଙ୍କ ପ୍ରତିନିଧି ଇଂ ପ୍ରୟାସକାନ୍ତି ସାମଲ ଆଖୁଆପଦାଠାରେ ପହଞ୍ଚି ବନ୍ୟା ସ୍ଥିତି ପରଖିଛନ୍ତି। ଉପସ୍ଥିତ ଥିବା ଯନ୍ତ୍ରୀମାନଙ୍କ ସହିତ ବନ୍ୟା ସ୍ଥିତି ନେଇ ଆଲୋଚନା କରିଥିବା ବେଳେ ସମସ୍ତ ପରିସ୍ଥିତିରେ ସଜାଗ ରହିବାକୁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତିନିଧିଙ୍କ ସାମଲଙ୍କ ସହିତ ସ୍ଥାନୀୟ ତହସିଲଦାର ସରୋଜକାନ୍ତ ନାୟକ, ବିଡ଼ିଓ ଦେବଦତ୍ତ ଦାସ, ଜଳ ଓ ପରିମଳ ବିଭାଗ ନିର୍ବାହୀଯନ୍ତ୍ରୀ ସୁଶାନ୍ତ କୁମାର ପଣ୍ଡା, ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ସାମାଜିକ କର୍ମୀ ସୌମ୍ୟରଞ୍ଜନ ଜେନା ଓ ପର୍ଶୁରାମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ତ୍ରୀଙ୍କୁ ତଣ୍ଟି ଚିପି ହତ୍ୟା, ସ୍ୱାମୀ ଗିରଫ

**ପଦ୍ମପୁର, ୧୬।୮(ଡି.ଏନ.ଏ.)**

ଭଦ୍ରକ ଜିଲା ପୀରହାଟ ଥାନା ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଈଶ୍ୱରପୁର ଗାଁରେ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ତଣ୍ଟି ଚିପି ହତ୍ୟା କରିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ହତ୍ୟା ମାମଲା (ନଂ/.୧୨/୨୨) ରୁଜୁ କରି ଅଭିଯୁକ୍ତ ସ୍ୱାମୀ ଶଶଧର ମଳିକଙ୍କୁ ଗିରଫ କରିଛି।

ସୂଚନା ମୁତାବକ ଉକ୍ତ ଗ୍ରାମର ଶଶଧର ରାଜ୍ୟ ବାହାରେ ରହି କାମ କରନ୍ତି। ସେ ରବିବାର ଘରକୁ ଆସିଥିବା ବେଳେ ସନ୍ଧ୍ୟାରେ ବଜାରରୁ ମାଛ କିଣି ସ୍ତ୍ରୀ ସୀତାମଣିଙ୍କୁ ରୋଷେଇ କରିବା ପାଇଁ କହିଥିଲେ। ଉଭୟଙ୍କ ମଧରେ କୌଣସି କଥାକୁ ନେଇ କଥା କଟାକଟି ହେବା ପରେ ସୀତାମଣି ରୋଷେଇ ନ କରି ଶଶଧରଙ୍କୁ କାମୁଡ଼ି ଦେଇଥିଲେ। ସେଥିରେ ଉତ୍କ୍ଷିପ୍ତ ହୋଇ ଶଶଧର ତାଙ୍କୁ ମାଡ଼ ମାରିବା ସହ ତଣ୍ଟି ଚିପି ହତ୍ୟା କରିଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ମୃତାଙ୍କ ବାପାଙ୍କ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଗୟାଧର ବେହେରା କହିଛନ୍ତି।

SMILE JAYADURGA CHEMICALS
(AN ISO 9001-2015 Certified)
Deals Raw Materials of:
- White Phenyle
- Black Phenyle
- Green Phenyle
- Liquid detergent
- Detergent Powder
- Packaging Materials
- Hand Wash
- Dish Wash
- Toilet Cleaner
- Glass Cleaner
- Sanitizer
- Agarbati

Free Training on all products

Other Chemicals
- Bleaching Powder
- Castic Soda
- HCL Acid
- Sulphuric Acid
- Alum
- Acetic Acid
- Dolomite Powder
- French chalk powder

Plot No.843, Palasuni, Bhubaneswar-751010
Mob.No.-9938069796, 9861049796

# ନିରାଡ଼ମ୍ବରରେ ପାଳିତ ହେଲା ସ୍ୱାଧୀନତା ଦିବସ


ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପତାକା ଉତ୍ତୋଳନ କରୁଛନ୍ତି।

**ଭଦ୍ରକ ଅଫିସ, ୧୬।୮:** ଭଦ୍ରକ ମହାବିଦ୍ୟାଳୟ ଖେଳ ପଡ଼ିଆରେ ନିରାଡ଼ମ୍ବରରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସୋମବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ ପୂର୍ବକ ଦୁଇ ପ୍ଲାଟୁନ୍ ପୋଲିସ ଦଳଙ୍କ ଠାରୁ ଅଭିବାଦନ ଗ୍ରହଣ କରିଥିଲେ। ପୋଲିସ୍ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଙ୍ଗୀତର ଧୂନ୍ ପରିବେଷଣ କରାଯାଇଥିଲା। ମୁଖ୍ୟଅତିଥି ଜିଲାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀଙ୍କ ଅମର ଆତ୍ମାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ହାଇସ୍କୁଲ ପରୀକ୍ଷାରେ ଜିଲାର ଟପ୍ପର୍ ହୋଇଥିବା ସାଇସତ୍ୟପ୍ରକାଶ ପରିଡ଼ା ଓ ବିଶିଷ୍ଟ ଚିତ୍ରଶିଳ୍ପୀ ପ୍ରତିଭା ସ୍ନେହା ଦାସଙ୍କୁ ପୁରସ୍କାର ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ୨୫ଜଣ କରୋନା ଯୋଦ୍ଧାଙ୍କୁ ଏହି କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରାଯାଇ ମାନପତ୍ର ପ୍ରଦାନ କରାଯାଇଥିଲା । ଶେଷରେ ମହାବିଦ୍ୟାଳୟ ପରିସରରେ ଜିଲାପାଳ, ଏସ୍‌ପି ଚରଣସିଂ ମୀନା ଓ ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଯେନାଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା। ଜିଲାର ବିଶିଷ୍ଟ ପ୍ରଶାସନିକ ଅଧିକାରୀ ଅତିରିକ୍ତ ଜିଲାପାଳ ରାମଦାସ ଟୁଡ୍ଡୁ, ଜିଲା ପରିଷଦର ନିର୍ବାହୀ ଅଧିକାରୀ ଇନ୍ଦ୍ରମଣି ନାୟକ, ଉପଜିଲାପାଳ ମନୋଜ ପାତ୍ର, ଅତିରିକ୍ତ ଏସ୍‌ପି ଯତୀନ୍ କୁମାର ପଣ୍ଡା, ଉପଖଣ୍ଡ ପୋଲିସ୍ ଅଧିକାରୀ ପ୍ରଭାସ ଚନ୍ଦ୍ର ପାଲ ପ୍ରମୁଖ ଏହି ଉତ୍ସବରେ ଯୋଗ ଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଦିବସବ୍ୟାପୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଲକ୍ଷ୍ମୀପ୍ରିୟା ସୁତାର
ସ୍ୱାମୀ: ନାରାୟଣ ସୁତାର
ଜଗଦଳପୁର, ପାଟକୁରା
ଆବିର୍ଭାବ: ୧୪।୧୨।୧୯୪୮
ତିରୋଧାନ: ୦୬।୦୮।୨୦୨୨
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୧୨୭୫

୪ର୍ଥ ଶ୍ରାଦ୍ଧବାର୍ଷିକୀ



ସୁବଳ ଚରଣ ବେହେରା
ନୟାଚୌକ, ମଧୁପାଟଣା, କଟକ
ଆବିର୍ଭାବ: ୨୭।୦୫।୧୯୩୫
ତିରୋଧାନ: ୦୧।୦୯।୨୦୧୮
ଚାହୁଁ ଚାହୁଁ ଚାରିବର୍ଷ ବିତିଗଲା। ତୁମର ଅନୁପସ୍ଥିତି ଆମ ସମସ୍ତଙ୍କ ନିକଟରେ ବିରାଟ ଶୂନ୍ୟତା ଭରି ଦେଇଛି। ତୁମେ ସଦାସର୍ବଦା ଆମ୍ଭମାନଙ୍କ ସ୍ମୃତିରେ ରହିଥିବ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ନାତି, ନାତୁଣୀ ।
ଧ-୧୨୭୧

ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଡଃ. ବୃନ୍ଦାବନ ସେନାପତି
ଟିଗିରିଆ, କଟକ
ଆବିର୍ଭାବ: ୧୬।୧୧।୧୯୫୪
ତିରୋଧାନ: ୦୮।୦୮।୨୦୨୨
ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ତ୍ୟାଗ, ନିଷ୍ଠା, ସାଧୁତା, ଧାର୍ମିକ ଚେତନା ଏବଂ ସମସ୍ତଙ୍କ ପ୍ରତି ସ୍ନେହ ଶ୍ରଦ୍ଧାଭାବ ଆମ ପ୍ରେରଣାର ଉତ୍ସ ହେଉ। ଆଜି ଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ପ୍ରସନ୍ନମଣୀଙ୍କ ନିକଟରେ ପ୍ରାର୍ଥନା।
ଆତ୍ମୀୟସ୍ୱଜନ, ପରିବାରବର୍ଗ ସହିତ
ନାତି: ପୀୟୁଷ, ଝିଅ, ଜ୍ୱାଇଁ ।
ଧ-୧୨୭୪

ଦ୍ୱାଦଶାହ ଉପଲକ୍ଷେ



ସୁମିତ୍ରା ବିଶୋଇ
ବଡ଼ଦାଣ୍ଡସାହି, ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ତା. ୦୮।୦୯।୧୯୪୨
ତିରୋଧାନ: ତା. ୦୬।୦୮।୨୦୨୨
ତୁମର ସ୍ନେହ, ଶ୍ରଦ୍ଧା ଓ ଦାୟିତ୍ୱବୋଧ ସବୁଦିନ ଆମକୁ ପ୍ରେରଣା ଦେଉଥିବ। ତୁମର ଶୂନ୍ୟସ୍ଥାନ ଚିରଦିନ ଅପୂରଣୀୟ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଲିଙ୍ଗରାଜ, ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର: ସନ୍ତୋଷ, ସନତ, ପୁତ୍ରବଧୂ: କୁନି, ଶାନ୍ତି, ସ୍ନେହ, ନାତି: ସୋନୁ, ଚିନୁ, ନାତୁଣୀ: ରୋମି, ପ୍ରୀତି, ନାତୁଣୀ ଜ୍ୱାଇଁ: ପିଙ୍କୁନ୍, ନାତୁଣୀବୋହୂ: ସୁକନ୍ୟା ଓ ପରିବାରବର୍ଗ ।
ଧ-୪୮୭୩୦

## ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

**ପାଟଣା,(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଥାନା ସାହାରପଡା ବ୍ଲକ ଆହରପଡା ଗାଁରେ ମଙ୍ଗଳବାର ଅପରାହ୍ଣରେ ଜଣେ ୩ ବର୍ଷର ଶିଶୁକନ୍ୟା ସାଙ୍ଗ ମାନଙ୍କ ସହ ଖେଳୁଥିବା ସମୟରେ ଅସାବଧାନତାବଶତଃ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତ ଶିଶୁ କନ୍ୟା ହେଲେ ଉକ୍ତ ଗ୍ରାମର ତପୋଇ ମୁଣ୍ଡାଙ୍କ ଝିଅ ରାଇମଣୀ। ଖବର ପାଇ ସାହାରପଡା ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଜାରି ରଖିଛନ୍ତି। ଶିଶୁ କନ୍ୟାର ମୃତ୍ୟୁକୁ ନେଇ ଗାଁ ରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ସଂକ୍ଷେପରେ

### ନିଖୋଜ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତଦେହ ଜବତ

**ବଡ଼ସାହି,୧୬।୮:** ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ କେରକୋ-ପ୍ରତାପପୁର ରାସ୍ତାର ହରିପୁର ନିକଟ ମାଧବୀନାଳରେ ଭାସି ଯାଇଥିବା ଇଞ୍ଜିନିୟରିଂ ଛାତ୍ର ବିକାଶ ଦଣ୍ଡପାଟଙ୍କ ମୃତଦେହ ଜବତ ହୋଇଛି। ତାଙ୍କ ଘର ବଡ଼ସାହି ନିକଟ ସିଂହଟିଆ ଗ୍ରାମରେ। ସେହି ଗ୍ରାମର ଜଣେ ସାଙ୍ଗଙ୍କ ସହ ସେ କଲଭର୍ଟ ଉପର ଦେଇ ବାଇକ୍‌ରେ ଯାଉଥିବା ବେଳେ ପାଣି ସ୍ରୋତରେ ଭାସିଯାଇଥିଲେ। ସାଙ୍ଗ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ବିକାଶ ନିଖୋଜ ଥିଲେ। ବଡ଼ସାହି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇଛି।

### ଜନଶୁଣାଣିରେ ୧୫୦ ଅଭିଯୋଗ

**ଜଳେଶ୍ୱର, ୧୬।୮(ଡି.ଏନ.ଏ.):** ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ଭାଉ ସାହେବ ଶିନ୍ଦେ ଓ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର ଜନଶୁଣାଣିରେ ଯୋଗ ଦେଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଏଥିରେ ୧୫୦ଟି ମାମଲା ଆସିଥିବା ବେଳେ ଜିଲା ତଥା ଜଳେଶ୍ୱର ବ୍ଲକର ବହୁ ଅଧିକାରୀ ଉପସ୍ଥିତ ଥିଲେ। ଅପରାହ୍ଣ ୧ଟାରେ ଜିଲାପାଳ ସେଠାରୁ ଚାଲିଯିବାକୁ ନେଇ ଅଭିଯୋଗକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବିଭିନ୍ନ ସ୍ଥାନରେ ଜଳ ନିଷ୍କାସନ, ଆବାସ ଯୋଜନା, ବାର୍ଦ୍ଧକ୍ୟଭତ୍ତା ଓ ରାସ୍ତାଘାଟ ଦୁରବସ୍ଥା, ଆଇନଶୃଙ୍ଖଳା, ୫-ଟି ବିଦ୍ୟାଳୟରେ ଅବ୍ୟବସ୍ଥା, ବାଲି ନ ମିଳିବାରୁ ସରକାରୀ ନିର୍ମାଣ କାର୍ଯ୍ୟ ବନ୍ଦ ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏଥିରେ ବିଡିଓ ସ୍ମୃତିରଞ୍ଜନ ମଲ୍ଲିକ, ଅଧକ୍ଷ ମାନସ କୁମାର ଜେନା, ଉପାଧକ୍ଷ ସଂଜିତା ସେନାପତି, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ ମହାପାତ୍ର, ପୂର୍ତ୍ତ ବିଭାଗ ନିର୍ବାହୀ ଅଧିକାରୀ ଅଶୋକ ପଣ୍ଡା, ଆଇଆଇସି ରୋଜାଲିନ୍ ବେହେରା, ବିଇଓ ଲଲାଟେନ୍ଦୁ ଜେନା, ଏବିଇଓ ସୁଶାନ୍ତ ଜେନା, ଏଡିଏମ୍ ଜିଲୁ ମହାପାତ୍ର, ସିଡିଏମ୍ଓ ଦୁଲାଲସେନ୍ ଜଗଦ୍‌ଦେବ, ଉପଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁଙ୍କ ସହ ଅନ୍ୟ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ।

### ବନ୍ଦ ଘରେ ମହିଳାଙ୍କ ଗଳିତ ମୃତଦେହ

**ବାରିପଦା ଅଫିସ,୧୬।୮:** ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଧୀନ ୱାର୍ଡ ନଂ.୨୬ ଭୁଗୁଡାକଟା ଅଞ୍ଚଳର ଏକ ବନ୍ଦ ଘରୁ ମଙ୍ଗଳବାର ଜଣେ ମହିଳାଙ୍କ ଗଳିତ ମୃତଦେହକୁ ପୋଲିସ ଜବତ କରିଛି। ସାଇଣ୍ଟିଫିକ ଟିମ ସହ ପୋଲିସ ତଦନ୍ତ ଜାରି ରଖିଛି। ମୃତକ ହେଲେ ଆରତୀ ସିଂ। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପିଆର୍‌ଏମ୍ ମେଡିକାଲକୁ ପଠାଇଛି। ତେବେ ପାରିପାର୍ଶ୍ୱିକ ଅବସ୍ଥାକୁ ନେଇ ପୋଲିସ ତଦନ୍ତ ପ୍ରକ୍ରିୟା ଜାରି ରଖିଥିବା ଆଇଆଇସି ବୀରେନ୍ଦ୍ର ସେନାପତି ପ୍ରକାଶ କରିଛନ୍ତି।

### ଶ୍ରାବଣୀ ମହାଦେବଙ୍କୁ ଜଳଲାଗି କଲେ କାଉଡ଼ିଆ

**ଆରଡ଼ି, ୧୬।୮(ଡି.ଏନ.ଏ.):** ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିରେ ବାବା ଆଖଣ୍ଡଳମଣିଙ୍କ ମନ୍ଦିର ବେଢାରେ ଥିବା ଶ୍ରାବଣୀ ମହାଦେବଙ୍କୁ ମାସର ଶେଷ ସୋମବାରରେ ପ୍ରାୟ ୧ ହଜାର କାଉଡ଼ିଆ ଜଳଲାଗି କରିଛନ୍ତି। ସୂଚନା ଅନୁସାରେ ବିଭିନ୍ନ ନଦୀଘାଟରୁ ଭକ୍ତମାନେ ସୁବାସିତ ଜଳ ଆଣି ପ୍ରଭୁଙ୍କ ମସ୍ତକରେ ଜଳ ଢାଳି ଶ୍ରାବଣୀ ବ୍ରତ ଭଙ୍ଗ କରିଥିଲେ। ଆରଡ଼ି ଫାଣ୍ଡି ଅଧିକାରୀ ସୁରେନ୍ଦ୍ର ମଲ୍ଲଙ୍କ ତତ୍ତ୍ୱାବଧାନରେ ପୀଠରେ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା। ଶ୍ରାବଣ ମାସର ୫ ସୋମବାରରେ କାଉଡ଼ିଆ ଭକ୍ତମାନେ ନିୟମ ମାନି ଶୃଙ୍ଖଳାର ସହ ଜଳଲାଗି କରିଥିବାରୁ ଭଦ୍ରକ ଉପ ଜିଲାପାଳ ତଥା ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ମନୋଜ କୁମାର ପାତ୍ର ଶ୍ରଦ୍ଧାଳୁଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### କବି ସମ୍ମିଳନୀ, କବିତା ଆସର

**ଚମ୍ପୁଆ ୧୬।୮(ଡି.ଏନ.ଏ):** ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ତଥା ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ କବି ସମ୍ମିଳନୀ ଓ ସ୍ୱରଚିତ ଦେଶାତ୍ମକ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭା କକ୍ଷରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଚମ୍ପୁଆ, ଯୋଡ଼ା, ବଡ଼ବିଲ, ଝୁମ୍ପୁରା ଆଦି ଅଞ୍ଚଳରୁ ୨୩ ଜଣ କବି ଯୋଗ ଦେଇଥିଲେ। ସଭାପତି ଧରଣୀଧର ଦାସଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରିତିମୟ, ମୁଖ୍ୟବକ୍ତା ଭାବେ ଗଙ୍ଗାଧର କର ଓ ବରିଷ୍ଠ କବି ରମାକାନ୍ତ ପ୍ରଧାନ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ପରେ କବିମାନେ ନିଜ ନିଜ ସ୍ୱରଚିତ କବିତା ପାଠ କରିଥିଲେ।

# ୯ ବର୍ଷ ବିତିଲାଣି, ସରୁନି ସେତୁ ନିର୍ମାଣ

### ୩ବର୍ଷରେ ସାରିବାକୁ ହୋଇଥିଲା ଚୁକ୍ତି

**ନୀଳଗିରି, ୧୬।୮(ସ୍ୱ.ପ୍ର.)**

ଗ୍ରାମାଞ୍ଚଳ ତଥା ଦୁର୍ଗମ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସରକାର ବିଜୁ ସେତୁ ଯୋଜନାରେ କୋଟି କୋଟି ଟଙ୍କା ମଞ୍ଜୁର କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ପ୍ରକଳ୍ପ ନିର୍ମାଣର ଦୀର୍ଘ ୯ ବର୍ଷ ପରେ ବି ସରୁନି କାର୍ଯ୍ୟ। ଏଭଳି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ସୀମାନ୍ତରେ ଥିବା ନୀଳଗିରି ବ୍ଲକ ଅଯୋଧ୍ୟା ପଞ୍ଚାୟତ ଅଧୀନ ବାଲିପାଳଠାରେ। ଗୋଟିଏପଟେ ଗ୍ରାମବାସୀ ଅନ୍ୟପଟେ ଚାଷଜମି ରହିଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ବାଲିପାଳରୁ ନରସିଂହପୁର, ତିନିଦେଶ ଦେଇ ମୟୂରଭଞ୍ଜକୁ ସଂଯୋଗ ଓ ରାସ୍ତାର ଦୂରତା କମାଇବା ପାଇଁ ଦୀର୍ଘଦିନର ଦାବି ପରେ ସୀମାନ୍ତ ଜିଲାକୁ ସଂଯୋଗ ଓ ଗମନାଗମନ ସୁବିଧାକୁ ଲକ୍ଷ୍ୟ ରଖି ରାଜ୍ୟ ସରକାର ସୋନ ନଦୀ ଉପରେ ସେତୁ ନିର୍ମାଣ ପାଇଁ ମଞ୍ଜୁରି ଦେଇଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୨୦୧୩ରେ ୯ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ୨୦୧୪ରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୩ ବର୍ଷ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ଠିକାଦାରଙ୍କ ସହ ଚୁକ୍ତି ମଧ୍ୟ ହୋଇଥିଲା। ହେଲେ ଆଜିକୁ ୯ବର୍ଷ ପରେ ମଧ୍ୟ କାର୍ଯ୍ୟ ସରିନି। ଏନେଇ ବିଭାଗ ପକ୍ଷରୁ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ବହୁବାର ଚିଠି କରାଯାଇଥିବା ବେଳେ ସମ୍ପୃକ୍ତ ଠିକାଦାର ବିଭିନ୍ନ ଆଳ ଦେଖାଇ ସମୟ ଗଡ଼ାଇ ମନ୍ଥର ଗତିରେ ନିର୍ମାଣ କାର୍ଯ୍ୟ ଚଳାଇଛନ୍ତି। ନଦୀର ଗୋଟିଏ ପାଖରେ ଗାଁ ଓ ଅନ୍ୟ ପାଖରେ ଚାଷ ଜମି ରହିଥିବାରୁ ଲୋକେ ବହୁ ହଇରାଣ ହେଉଛନ୍ତି। ଉକ୍ତ ନଦୀ ଦେଇ ନ ଗଲେ ୧୫ କି.ମି.ବୁଲିବାକୁ ପଡ଼ିଥାଏ। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ଏସ୍‌ଡିଓ ଈଶ୍ୱରୀ ପ୍ରସାଦ ଦାସଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ପରେ ଉକ୍ତ ବିଭାଗର କନିଷ୍ଠଯନ୍ତ୍ରୀ ଦେବବ୍ରତ ଗାରୁଙ୍କୁ ପଚାରିବାରୁ କିଛି ବୈଷୟିକ ତ୍ରୁଟି ଯୋଗୁ କାର୍ଯ୍ୟ ବିଳମ୍ବ ହୋଇଛି, କିନ୍ତୁ ଆସନ୍ତା ବର୍ଷାଦିନ ପୂର୍ବରୁ କାମ ସରିବ ବୋଲି ସେ କହିଛନ୍ତି।


ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ବାଲିପାଳ ବିଜୁ ସେତୁ।

# 'ସ୍ୱାଧୀନତା ବଜାୟ ରଖିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ'

### ମୟୂରଭଞ୍ଜ ଜିଲାସ୍ତରୀୟ ସ୍ୱାଧୀନତା ଦିବସ

**ବାରିପଦା ଅଫିସ,୧୬।୮**

ମୟୂରଭଞ୍ଜ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସୋମବାର ପାଳିତ ହୋଇଯାଇଛି। ବାରିପଦାସ୍ଥିତ ରିଜର୍ଭ ପୋଲିସ ପଡ଼ିଆଠାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ,ସମବାୟ ବିଭାଗର ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ ପୂର୍ବକ ପରେଡରେ ଅଭିଭାବଦନ ଗ୍ରହଣ କରିଥିଲେ। ସ୍ୱାଧୀନତା ବଜାୟ ରଖିବା ପାଇଁ ପ୍ରତ୍ୟେକ ନାଗରିକ ନିଜ ସ୍ତରରେ ସଜାଗ ରହି କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ ବୋଲି ମନ୍ତ୍ରୀ ନାୟକ କହିଥିଲେ। ଦେଶମାତୃକା ପାଇଁ ବଳିଦାନ ଦେଇଥିବା ମହାପୁରୁଷଙ୍କ ନୀତି ଆଦର୍ଶକୁ ପାଥେୟ କରି ଦେଶର ଏକତା, ଅଖଣ୍ଡତା ଓ ସଂହତି ବଜାୟ ରଖିବା ପାଇଁ ସେ ଜିଲାବାସୀଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ବିନୀତ ଭରଦ୍ୱାଜ, ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତି, ସୁଚାରୁ କୁମାର ବଳା, ଅତିରିକ୍ତ ଏସ୍‌ପି ସୁରେଶ ଚନ୍ଦ୍ର ପାତ୍ର, ଉପଜିଲାପାଳ ଅନ୍ୟା ଦାସଙ୍କ ସମେତ ପ୍ରଶାସନିକ ଅଧିକାରୀ ଓ କୋଭିଡ୍ ଯୋଦ୍ଧାମାନେ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୨୬ଜଣ ଯୋଦ୍ଧା ଓ ସାହସିକ ତଥା ଉତ୍ତମ କାର୍ଯ୍ୟଦକ୍ଷତାକୁ ନେଇ ୩ଜଣ ହୋମଗାର୍ଡଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରତ୍ୟୁଷରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସହରରେ ଡାକବାଜି ଯନ୍ତ୍ର ଜରିଆରେ ରାମଧୂନ ପ୍ରଚାର କରାଯାଇଥିଲା। ସେହିପରି ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ରୂପଭାନୁ ମିଶ୍ର, କଂଗ୍ରେସ କାର୍ଯ୍ୟାଳୟରେ ସଭାପତି ହେମନ୍ତ ଦାସ, ଭାଜପା କାର୍ଯ୍ୟାଳୟରେ କାନ୍ଦରା ସୋରେନ ପତାକା ଉତ୍ତୋଳନ କରିବା ସହ ବାରିପଦା ସହରର ବିଭିନ୍ନ ସ୍ଥାନରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା।


ଜିଲାସ୍ତରୀୟ ସ୍ୱାଧୀନତା ଦିବସରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଅଭିବାଦନ ଗ୍ରହଣ କରୁଛନ୍ତି।

# 'ବାଲେଶ୍ୱର ସଂଗ୍ରାମୀଙ୍କ ବଳିଦାନ ଅବଦାନ ଅତୁଳନୀୟ'

### ଜିଲାସ୍ତରୀୟ ସ୍ୱାଧୀନତା ଦିବସ

**ବାଲେଶ୍ୱର ଅଫିସ, ୧୬।୮**

ବାଲେଶ୍ୱର ସହର ରିଜର୍ଭ ପୋଲିସ ପରେଡ୍ ପଡ଼ିଆରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ଟୁକୁନି ସାହୁ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଜିଲାବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଥିଲେ। ସ୍ୱାଧୀନତା ସଂଗ୍ରାମର ଇତିହାସକୁ ତ୍ୟାଗ ଓ ବଳିଦାନର ଇତିହାସ ବୋଲି କହିଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ବାଲେଶ୍ୱର ଜିଲାର ଅବଦାନ ଉପରେ ଆଲୋକପାତ କରି ନୀଳଗିରି ପ୍ରଜା ବିଦ୍ରୋହ, ଇଞ୍ଚୁଡ଼ି ଲୁଣମରା ଆନ୍ଦୋଳନ, ତୁଡିଗଡ଼ିଆ ଆନ୍ଦୋଳନ, ବାଘାଯତୀନ ଓ ଅନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନର ସ୍ମୃତିଚାରଣ କରିଥିଲେ। ସମାରୋହରେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ରଙ୍କ ସହିତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। କଟକଣା ଯୋଗୁ ପରେଡ଼ ହୋଇ ନ ଥିଲା। ରିଜର୍ଭ ଇନ୍‌ସପେକ୍ଟର ସଧେଇ ଶଙ୍କର ଟୁଡୁ ରାଷ୍ଟ୍ରୀୟ ସାଲ୍ୟୁଟ୍‌ର ନେତୃତ୍ୱ ନେବା ସହିତ ମୁଖ୍ୟଅତିଥିଙ୍କୁ ସମ୍ମାନ ପ୍ରଦର୍ଶନ କରିଥିଲେ। ତାଙ୍କୁ ସହଯୋଗ କରିଥିଲେ ସେକେଣ୍ଡ-ଇନ-କମାଣ୍ଡ ରାଜୀବ କୁମାର ମାରାଣ୍ଡି। ଏହି ଅବସରରେ ବିଭିନ୍ନ ବର୍ଗର ୧୭ଜଣ କୋଭିଡ୍ ଯୋଦ୍ଧା, ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଜିଲାରେ ସର୍ବୋଚ୍ଚ ନମ୍ବର ରଖିଥିବା ୪ ଛାତ୍ରୀଛାତ୍ର, ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ପଦକ ହାସଲ କରିଥିବା ୫ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହୋମଗାର୍ଡ଼ ଦେବେନ୍ଦ୍ର ନାଥ ଦେଙ୍କୁ ଉତ୍କୃଷ୍ଟ ସେବା, କାର୍ଯ୍ୟକୁଶଳତା ଏବଂ ସଚ୍ଚୋଟତା ପାଇଁ ଅଗ୍ନିଶମ ସେବା, ହୋମଗାର୍ଡ଼ ଓ ନାଗରିକ ସୁରକ୍ଷା ମହାନିର୍ଦ୍ଦେଶକଙ୍କ ଡିସ୍କ ମେଡାଲ ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ମନ୍ତ୍ରୀ ପରେଡ଼ ପଡ଼ିଆରେ ବୃକ୍ଷ ରୋପଣ କରିଥିଲେ। କାର୍ଯ୍ୟକ୍ରମରେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଓ ଭବେଶ କୁମାର ନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ଉପଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ଜନ ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


ସ୍ୱାଧୀନତା ଦିବସ ସମାରୋହରେ ମନ୍ତ୍ରୀ ଟୁକୁନି ସାହୁ, ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ଏସ୍‌ପି ସୁଧାଂଶୁ ଶେଖର ମିଶ୍ର।

### ଘର ଭିତରକୁ ମାଡ଼ିଗଲା କାର୍: ବୃଦ୍ଧା ମୃତ

**ମୋରଡା,୧୬।୮(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ଚିତ୍ରଡ଼ା ଗ୍ରାମରେ ମଙ୍ଗଳବାର ଏକ ଦୁଃଖଦ ଘଟଣା ଘଟିଛି। ଅପରାହ୍ଣ ୪ଟା ସମୟରେ ଚିତ୍ରଡ଼ା ଗ୍ରାମର ବ୍ଲକ ଛକ ପାଖରେ ଏକ କାର୍ ଜଣଙ୍କ ଘର ଭିତରକୁ ମାଡିଆସି ଖଟରେ ବସିଥିବା ଜଣେ ବୃଦ୍ଧାଙ୍କୁ ଚାପି ଦେବାରୁ ସେ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ପିଆର୍‌ଏମ୍ ମେଡିକାଲ କଲେଜକୁ ନିଆଯାଇଥିଲା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତକ ହେଲେ ମାଣିତ୍ରୀ ଗ୍ରାମର ଅଖିମଣି ବେହେରା(୬୬)। ସେ ତାଙ୍କ ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ମୋରଡ଼ା ପୋଲିସ ପହଞ୍ଚି କାର୍‌କୁ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ପରେ କାର୍ ଚାଳକ ସେଠାରୁ ପଳାଇଯାଇଥିବା ସୂଚନା ମିଳିଛି।

### ଜିଲା ଏସ୍‌ପିଙ୍କୁ ପୋଲିସ ପଦକ

**ବାରିପଦା ଅଫିସ,୧୬।୮**

ମାଓବାଦୀ ଦମନରେ ସାହସିକତା ପଦକ୍ଷେପ ଓ ଉଲ୍ଲେଖନୀୟ ସେବା ପାଇଁ ମୟୂରଭଞ୍ଜ ଜିଲା ଆରକ୍ଷୀ ଅଧିକ୍ଷକ ଋଷିକେଶ ଦ୍ୟାନଦେଓ ଖିଲାରୀ ପୋଲିସ ପଦକ ପାଇଛନ୍ତି। ଲୋକସେବା ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପଦକ ପ୍ରଦାନ କରିଛନ୍ତି। ଏହାକୁ ନେଇ ବିଭିନ୍ନ ମହଲରୁ ଶୁଭେଚ୍ଛାରେ ସୁଅ ଛୁଟିଛି। ଏସ୍‌ପି ଖିଲାରୀ ମାଲକାନାଗିରି ଜିଲାରେ ଥିବା ବେଳେ ମାଓ ଦମନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୨୦୧୯ଅଗଷ୍ଟ ୨୮ରେ ବଣ୍ଡାଘାଟି ଅଞ୍ଚଳ ଜଙ୍ଗଲରେ ସଶସ୍ତ୍ର ମାଓବାଦୀମାନେ ବଡ଼ଧରଣର ଅଘଟଣ ଘଟାଇବାକୁ କରିଥିବା ଯୋଜନାକୁ ସେ ପଣ୍ଡ କରିଥିଲେ। ଏହା ସହିତ ଦୁର୍ଦ୍ଧାନ୍ତ ମାଓନେତା ରାକେଶ ସୋଡି ପୋଲିସ ଗୁଳିରେ ମୃତ୍ୟୁ ବରଣ କରିଥିଲେ। ତାଙ୍କର କାର୍ଯ୍ୟଦକ୍ଷତା ଓ ସେବା ପାଇଁ ଏହି ପଦକ ମିଳିଥିବା ବେଳେ ଜିଲା ପୋଲିସ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜଣାଯାଇଛି ।

# ମଧ୍ୟରାତି ପର୍ଯ୍ୟନ୍ତ ଉଡ଼ିଲା ତ୍ରିରଙ୍ଗା

### ତହସିଲଦାରଙ୍କ ହସ୍ତକ୍ଷେପ ପରେ ଅବତରଣ କରାଗଲା

**ସାରସକଣା,୧୬।୮(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ସ୍ୱାଧୀନତା ଦିବସ ଅବସରରେ ପତାକା ଉତ୍ତୋଳନ କରାଯାଇଥିଲା। ମାତ୍ର ମଧ୍ୟରାତି ପର୍ଯ୍ୟନ୍ତ ତିରଙ୍ଗା ଅବତରଣ କରା ନ ଯିବା ଦେଖିବାକୁ ମିଳିଥିଲା। ବ୍ଲକ ଶିକ୍ଷାଧିକାରିଣୀ ରାସମଣି ନାଏକଙ୍କୁ ସୋମବାର ରାତି ୯ଟା ସମୟରେ ସ୍ଥାନୀୟ ଲୋକେ ଅନେକ ଥର ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ସାରସକଣା ଭାରପ୍ରାପ୍ତ ତହସିଲଦାର ସାଇକୃଷ୍ଣ ଜେନାଙ୍କ ହସ୍ତକ୍ଷେପ ପରେ ମଧ୍ୟରାତିରେ ପତାକା ଅବତରଣ କରାଯାଇଥିଲା। ଏନେଇ ବ୍ଲକ ଶିକ୍ଷାଧିକାରିଣୀ ନାଏକଙ୍କୁ ପଚାରିବାରୁ ଅଭିଯୋଗ ପରେ ପତାକା ଖୋଲି ଦିଆଯାଇଥିବା କହିଛନ୍ତି। ତେବେ ଶିକ୍ଷାଧିକାରିଣୀ ହୋଇ କିଭଳି ଜାତୀୟ ପତାକା ଅବତରଣ କରିବାକୁ ଭୁଲିଗଲେ ତାହାକୁ ନେଇ ଶିକ୍ଷାବିତମାନେ ଚିନ୍ତା ପ୍ରକଟ କରିଛନ୍ତି।

# ସ୍ୱାଧୀନତା ସଂଗ୍ରାମ ପାଇଁ କବି, ଲେଖକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଧାମନଗର , ୧୬।୮ (ଡି.ଏନ.ଏ./ସ୍ୱ.ପ୍ର.)**

ପ୍ରତିଟି ଦେଶର ସ୍ୱାଧୀନତା ସଂଗ୍ରାମ ପାଇଁ କବି ଓ ଲେଖକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଦେଶ ପ୍ରେମ ଓ ଜାତୀୟତା ବାଦର କାଳଜୟୀ କବିତା ଦେଶ ପ୍ରେମର ବହ୍ନିକୁ ପ୍ରଜ୍ୱଳିତ କରିବାରେ ସହାୟକ ହୋଇଥାଏ ବୋଲି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ଧାମନଗର ସ୍ଥିତ ଡ.ଏପିଜେ ଅବଦୁଲ କଲାମ ସଭାଗୃହଠାରେ ଆୟୋଜିତ ଦେଶାତ୍ମବୋଧକ କବିତା ପାଠୋତ୍ସବରେ ମତପ୍ରକାଶ ପାଇଛି। ଜିଲା ପରିଷଦ ଉପାଧକ୍ଷ ଚୁନିବାଲା ବିଶ୍ୱାଳ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଏନ୍‌ଏସି ଅଧକ୍ଷା ନିବେଦିତା ଜେନା, ତହସିଲଦାର କ୍ଷୀରୋଦ କୁମାର ପଣ୍ଡା, ଥାନା ଅଧିକାରୀ ବନମାଳୀ ବାରିକ, ଶିଶୁ କବି କାହ୍ନୁ ଚରଣ ପାଣିଗ୍ରାହୀ, ପ୍ରେସ କ୍ଲବ ସଭାପତି ବାସୁଦେବ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। କାନ୍ତ ସାହିତ୍ୟ ପରିଷଦ ସଭାପତି ରସାନନ୍ଦ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବହୁ କବୟିତ୍ରୀ କବି କବିତା ପାଠ କରିଥିଲେ।

# ଜାତୀୟ ପତାକାକୁ ବିକୃତ ଅଭିଯୋଗ, ଥାନାରେ ମାମଲା

**ବାଲେଶ୍ୱର ଅଫିସ,୧୬।୮**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ମଙ୍ଗଳପୁର ପଞ୍ଚାୟତ ଅଫିସ୍ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ପାଇଁ ଛପାଯାଇଥିବା ନିମନ୍ତ୍ରଣପତ୍ରରେ ଜାତୀୟ ପତାକାକୁ ବିକୃତ କରାଯାଇଥିବା ଶିଳ୍ପାଞ୍ଚଳ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଜାତୀୟ ପତାକାର ଉପର ଓ ତଳଅଂଶ ସବୁଜ ରଙ୍ଗ କରାଯାଇଥିବା ବେଳେ ମଝିରେ ଧଳାରଙ୍ଗ ସହ ଚକ୍ର ଚିହ୍ନ ରଖାଯାଇ ବାଣ୍ଟିଥିବାରୁ ଏହାକୁ ବିଶ୍ୱ ହିନ୍ଦୁ ପରିଷଦ ବାଲେଶ୍ୱର ଶାଖା ପକ୍ଷରୁ ବିରୋଧ କରାଯାଇଛି। ଜିଲା ସଂଯୋଜକ ଜିତେନ୍ଦ୍ର ବେହେରା ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ. ୧୪୩/୨୨) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଅନ୍ୟପକ୍ଷରେ ଜିଲା ପ୍ରଶାସନ ପକ୍ଷରୁ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଏ ସମ୍ପର୍କରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିବା ଜଣାପଡ଼ିଛି।



# ଆନନ୍ଦପୁର କଲେଜରେ ସେଲ୍ଫି ପଏଣ୍ଟ

**ଆନନ୍ଦପୁର,୧୬।୮(ସ୍ୱ.ପ୍ର.)**

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ପାଳନ ପରିପ୍ରେକ୍ଷୀରେ ଆଜାଦି କା ଅମୃତ ମହୋତ୍ସବ ଅବସରରେ ଆନନ୍ଦପୁର ମହାବିଦ୍ୟାଳୟ ପରିସରରେ ୧୯୮୬-୮୮ ମସିହା ପୁରାତନ ଯୁକ୍ତ ୨ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ମନଲାଖୀ ଅଭିନନ୍ଦନୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଦୀର୍ଘ ୩୫ ବର୍ଷର ବ୍ୟବଧାନ ପରେ ପୁରାତନ ଛାତ୍ରମାନଙ୍କ ଦ୍ୱାରା ମହାବିଦ୍ୟାଳୟର ଶୋଭାବୃଦ୍ଧି ନିମନ୍ତେ ନିଜସ୍ୱ ଖର୍ଚ୍ଚରେ ନିର୍ମାଣ ହୋଇଥିବା ଆଇ ଲଭ୍ ଆନନ୍ଦପୁର କଲେଜ କଳାକୃତିର ଉଦ୍‌ଘାଟନୀ ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, ଉପଜିଲାପାଳ ଅନୀଲ କୁମାର ସେଠୀ, ମହାବିଦ୍ୟାଳୟର ଅଧକ୍ଷ ମେଜର ଡ.ଦିଲୀପ କୁମାର ଦାଶ ଉପସ୍ଥିତ ରହି ଏହି ଉଦ୍ୟାନ ଓ ସେଲଫୀ ପଏଣ୍ଟକୁ ଉଦ୍‌ଘାଟନ କରିଥିଲେ। ପୁରାତନ ଛାତ୍ର ଦିଲୀପ କୁମାର ମିଶ୍ର, ତନ୍ମୟ କୁମାର ବିଶୋଇ, ରାମ ନାରାୟଣ ରାଉତ, ଦେବାଶିଷ ପଟ୍ଟନାୟକ, ଦୀପକ ଦାସ, ଦୁର୍ଗାଶଙ୍କର ପରିଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସେଲ୍‌ଫି ପଏଣ୍ଟ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବିଧାୟକ ଭାଗିରଥି ସେଠୀ ଓ ଅନ୍ୟମାନେ ।

# କେନ୍ଦୁଝରକୁ ସମୃଦ୍ଧିଶାଳୀ କରିବାଲାଗି ସଙ୍କଳ୍ପ

**କେନ୍ଦୁଝର, ୧୬।୮ (ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲାର ବିଭିନ୍ନ ବ୍ଲକରେ ୭୫ତମ ପୂର୍ତ୍ତି ଅବସରରେ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ସଦର ମହକୁମାରେ ସୋମବାର କେନ୍ଦୁଝର ଷ୍ଟାଡିୟମରେ ଆୟୋଜିତ ଜିଲାସ୍ତରୀୟ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ। ଉଦ୍‌ବୋଧନ ଛଳରେ ମନ୍ତ୍ରୀ ମଲ୍ଲିକ କହିଥିଲେ ଯେ ସ୍ୱାଧୀନତା ଦିବସ ହେଉଛି ଆତ୍ମ ସମୀକ୍ଷା, ସ୍ମୃତି ଓ ସଙ୍କଳ୍ପର ଦିନ। କେନ୍ଦୁଝରକୁ ଏକ ସମୃଦ୍ଧିଶାଳୀ ଜିଲା ଭାବେ ଗଢି ତୋଳିବା ସହ ସମୃଦ୍ଧ ଓ ସଶକ୍ତ ଓଡିଶା ତଥା ବିକଶିତ ଭାରତ ଗଠନ ପାଇଁ ସଙ୍କଳ୍ପ ନେବାକୁ ଆହ୍ୱାନ ଜଣାଇଛନ୍ତି। ଜିଲାରେ ସ୍ୱାସ୍ଥ୍ୟସେବା, କୃଷି, ଜଳସେଚନ, ଶିକ୍ଷା, ପାନୀୟ ଜଳ ଯୋଗାଣ, ଜୀବିକା ଅର୍ଜନ ଓ ଭିତ୍ତିଭୂମିରେ ବିକାଶ ଘଟିଛି। ଡିଏମ୍‌ଏଫ୍ ଜିଲାର ବିକାଶକୁ ଅଧିକ ତ୍ୱରାନ୍ୱିତ କରିବା ସହିତ ନୂଆ ସମ୍ଭାବନା ସାଜିଛି ବୋଲି କହିଥିଲେ। ୫ଟି ଆଧାରରେ ରାଜ୍ୟ ସରକାରଙ୍କ ସବୁ ଯୋଜନା କାର୍ଯ୍ୟକାରୀ ହେଉଛି। ୫ଟି ଅନ୍ତର୍ଗତ ବିଦ୍ୟାଳୟ ରୂପାନ୍ତରଣ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି, ଯାହା ଦ୍ୱାରା ଗାଁର ପିଲାମାନେ ମଧ୍ୟ ପାଠପଢା କ୍ଷେତ୍ରରେ ଉତ୍କର୍ଷତା ହାସଲ କରିବାର ସୁଯୋଗ ସୃଷ୍ଟି କରିଛି। ଏହି ଅବସରରେ କ୍ରୀଡା କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ସୁଶ୍ରୀ ମନିକା ନାଏକ ଓ ସୁଶ୍ରୀ କ୍ଷଣପ୍ରଭା ନାୟକ ଏବଂ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ସାଫଲ୍ୟ ହାସଲ କରିଥିବା ୧୦ ଜଣ ଅଗ୍ରଣୀ କୃଷକଙ୍କୁ ମନ୍ତ୍ରୀ ମଲ୍ଲିକ ସମ୍ବର୍ଦ୍ଧିତ କରିଥିଲେ। ଜିଲାପାଳ ଆଶିଷ ଠାକରେ ଏବଂ ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ କାର୍ଯ୍ୟକ୍ରମଣ ସମ୍ପାଦିତ ହୋଇଥିଲା। କେନ୍ଦୁଝର ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ, ସଞ୍ଜୀବ ବାରିକ ସମାରୋହର ଧାରାବିବରଣୀ ପ୍ରଦାନ କରିଥିଲେ। ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ ବିମଳ ଚନ୍ଦ୍ର ରାଉତଙ୍କ ନେତୃତ୍ୱରେ ଆର୍ମଡ ପୋଲିସ ଫୋର୍ସ, ଗୃହରକ୍ଷୀ ବାହିନୀ ଏବଂ ପୋଲିସ ବ୍ୟାଣ୍ଡ ବାହିନୀ ରାଷ୍ଟ୍ରୀୟ ଧ୍ୱଜାକୁ ସମ୍ମାନ ଜଣାଇଥିଲେ ଏବଂ ମୁଖ୍ୟ ଅତିଥିଙ୍କୁ ଅଭିବାଦନ ଜଣାଇଥିଲେ।


ରାଜ୍ୟ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଅଭିବାଦନ ଗ୍ରହଣ କରୁଛନ୍ତି।

## ସଂକ୍ଷେପରେ

### କେନାଲରୁ ମିଳିଲା ମହିଳାଙ୍କ ମୃତଦେହ

**ମୋରଡ଼ା,୧୬।୮(ଡି.ଏନ୍.ଏ):** ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ସୁବର୍ଣ୍ଣରେଖା ମୁଖ୍ୟ କେନାଲ ଭିତରୁ ଜଣେ ମହିଳାଙ୍କ ଗଳିତ ଶବକୁ ପୋଲିସ ଜବତ କରିଛି। ମୃତ ମହିଳା ହେଲେ ଶୁଳିଆପଦା ଥାନା ଅଧୀନ ସାରଡିହା ଗ୍ରାମର ସୁକୁମାରୀ ପାନୀପାତ୍ର। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୩୪/୨୨) ରୁଜୁ କରି ତଦନ୍ତ ଜାରି ରଖିଛି।

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି

**ଚାନ୍ଦବାଲି,୧୬।୮(ଡି.ଏନ୍.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ପଞ୍ଚାୟତ ସମିତି ସଭାଗୃହରେ ମଙ୍ଗଳବାର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ହୋଇଛି। ଏହି ଶୁଣାଣିରେ ଭଦ୍ରକ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ଚରଣ ସିଂ ମୀନା, ଉପଜିଲାପାଳ ମନୋଜ ପାତ୍ର, ବିଡିଓ ଜ୍ୟୋତି ବିକାଶ ଦାସ, ବ୍ଲକ ଅଧକ୍ଷା ମୀନତୀ ସୂତାର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ, ବିଭିନ୍ନ ବିଭାଗର ସରକାରୀ କର୍ମଚାରୀ ଓ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ରାସ୍ତା ଘାଟ, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ, ପ୍ରଧାନମନ୍ତ୍ରୀ ଆବାସ, ଏନ୍‌ଆର୍‌ଇଜିଏସ, ଭତ୍ତା ଆଦି ୧୧୦ଟି ଅଭିଯୋଗ ଆସିଥିଲା। ଅତି ଗୁରୁତ୍ୱପୂର୍ଣ୍ଣ ଅଭିଯୋଗକୁ ଏକ ସପ୍ତାହ ମଧ୍ୟରେ ସମାଧାନ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ସାମାଜିକ ସୁରକ୍ଷା ଅନ୍ତର୍ଗତ ୨୭ଟି ଭିନ୍ନକ୍ଷମ ସହାୟକ ଉପକରଣ ହିତାଧିକାରୀମାନଙ୍କୁ ବଣ୍ଟନ କରାଯାଇଥିଲା।

### ମହିଳାଙ୍କ ମୃତଦେହ ଉଦ୍ଧାର

**ଭଦ୍ରକ ଅଫିସ,୧୬।୮:** ଭଦ୍ରକ ଚରମ୍ପା ସ୍ଥିତ ଧାମରା ଓଭର ବ୍ରିଜ ନିକଟସ୍ଥ ପୌରପାଳିକା ପକାଉଥିବା ଅଳିଆଗଦା ନାଳରୁ ମଙ୍ଗଳବାର ଜଣେ ଅଜଣା ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ପୂର୍ବାହ୍ନରେ ପୌରପାଳିକା ଗାଡ଼ି ଅଳିଆ ନେଇ ପକାଇବାକୁ ଯାଉଥିବା ବେଳେ ଏହି ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଅଳିଆ ଗାଡ଼ି ଏହି ମୃତଦେହ ପକାଇଥିବା ସନ୍ଦେହ କରି ସ୍ଥାନୀୟ ଲୋକେ ଗାଡ଼ିକୁ ଅଟକାଇଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ଗ୍ରାମାଞ୍ଚଳ ଥାନାଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହିତ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ତେବେ ମୃତ ମହିଳାଙ୍କ ପରିଚୟ ମିଳି ନ ଥିବା ବେଳେ, ମୃତଦେହ କେଉଁଠୁ ଆସିଲା, ଏହା ହତ୍ୟା ନା ଆତ୍ମହତ୍ୟା ଏନେଇ ଗ୍ରାମାଞ୍ଚଳ ପୋଲିସ ତଦନ୍ତ ଜାରି ରଖିଛି।

### ରେଳ ଧାରଣାରୁ ମୃତଦେହ ଜବତ

**ବାରିପଦା ଅଫିସ,୧୬।୮:** ବାରିପଦା ଦେବେନ୍ଦ୍ରପୁର ଅଞ୍ଚଳରେ ମଙ୍ଗଳବାର ସକାଳେ ଜନୈକ ଯୁବକଙ୍କ କ୍ଷତବିକ୍ଷତ ମୃତଦେହକୁ ପୋଲିସ ରେଳଧାରଣାରୁ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ରେଲୱେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ମୃତହେଦ ନିକଟରେ ବ୍ୟାଗ ଓ କାଗଜପତ୍ର ପଡ଼ିରହିଛି। ସକାଳେ ବାଲେଶ୍ୱର ଅଭିମୁଖେ ଯାଉଥିବା ମେମୁ ଟ୍ରେନରେ ଦୁର୍ଘଟଣା ଘଟିଥିବା ନେଇ ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

### ରାତିଅଧିଆ ହେଲା ରାସ୍ତା କାମ
#### ଭୁଶୁଡ଼ିଲା ଓଭର୍‌ବ୍ରିଜ

**କେନ୍ଦୁଝର,୧୬।୮(ସ୍ୱ.ପ୍ର.):** ଲଗାଣ ବର୍ଷା ଯୋଗୁ ବହୁ କୋଟି ଟଙ୍କା ବ୍ୟୟରେ ନିର୍ମିତ ୪୯ ନଂ. ଜାତୀୟ ରାଜପଥର ଓଭରବ୍ରିଜ ରବିବାର ଭୁଶୁଡ଼ି ପଡ଼ିଛି। ଫଳରେ ଲାଇନ ଟ୍ରକ୍‌ଗୁଡ଼ିକ ସହ ଲୋକେ ମଧ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଲୋକେ। କବିଟ୍ରା ମେଡିକାଲ କଲେଜ ନିକଟରେ ଏହି ରାସ୍ତା ଭୁଶୁଡ଼ି ପଡ଼ିଛି। ଏହି ରାସ୍ତାର ମାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାସ୍ତା ନିର୍ମାଣ କରିଥିବା ଠିକାସଂସ୍ଥା ନିମ୍ନମାନର କାର୍ଯ୍ୟ କରିଥିବାରୁ ଉକ୍ତ ବ୍ରିଜ୍ ଭୁଶୁଡ଼ିଥିବା ଅଭିଯୋଗ ହୋଇଛି। ଏନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରବିବାର ରାତିରେ ତରବରିଆ ଭାବେ ଉକ୍ତ ଠିକା ସଂସ୍ଥା ପକ୍ଷରୁ ଉକ୍ତ ରାସ୍ତାକୁ ମରାମତି କରାଯାଇଛି। କିନ୍ତୁ ଏହି ରାସ୍ତା ଆଉ ଥରେ ନ ଭୁଶୁଡ଼ିବ ବୋଲି କେହି କହିପାରିବେନି।

# ଅଧିକାରୀଙ୍କୁ ତାଲା ପକାଇଲେ ହିତାଧିକାରୀ

**ଯୋଡା,୧୬।୮(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଅଧୀନ ଚମକପୁର ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ହିତାଧିକାରୀମାନେ ସେମାନଙ୍କର ୪ମାସର ବକେୟା ଭତ୍ତା ନ ପାଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଦ୍ୟାଧର ପାତ୍ର ଓ ଗ୍ରାମ ରୋଜଗାର ସେବକ ରମେଶ ନାଏକଙ୍କୁ ଗୋଟିଏ ପ୍ରକୋଷ୍ଠ ମଧ୍ୟରେ ୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ତାଲା ପକାଇ ଅଟକ ରଖିଥିବା ଜଣାପଡ଼ିଛି। ଏ ନେଇ ପଞ୍ଚାୟତ କାର୍ଯ୍ୟାଳୟରେ ବ୍ୟାପକ ଉତ୍ତେଜନା ପରିସ୍ଥିତି ଦେଖାଦେଇଥିଲା।

ସୂଚନା ଅନୁଯାୟୀ, ସରକାରଙ୍କର ଦ୍ୱାରା ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ବିଭିନ୍ନ ଗ୍ରାମର ହିତାଧିକାରୀଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ମିଳିଥାଏ। ଏଥି ମଧ୍ୟରୁ ମଧୁବାବୁ ପେନ୍‌ସନ୍ ଯୋଜନାରେ

**୪ମାସର ଭତ୍ତା ମିଳିନି**

ରାଜ୍ୟ ସରକାର ଦେଉଥିବା ଭତ୍ତା ନଗଦ ପ୍ରଦାନ କରାଯାଉଥିବା ବେଳେ କେନ୍ଦ୍ର ସରକାରଙ୍କ ଭତ୍ତା ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଆସିଥାଏ। ତେବେ ହିତାଧିକାରୀମାନେ ବ୍ୟାଙ୍କ ଦୌଡ଼ି ଦୌଡ଼ି ନୟାନ୍ତ ହେଲେ ମଧ ବ୍ୟାଙ୍କ କର୍ମଚାରୀମାନେ ଟଙ୍କା ଆସି ନ ଥିବା କହି ସେମାନଙ୍କୁ ୪ମାସ ହେଲା ଫେରାଇଦେଉଛନ୍ତି। ସେଥିପାଇଁ ଦୂରଦୁରାନ୍ତରୁ ଟଙ୍କା ଖର୍ଚ୍ଚ କରି ହିତାଧିକାରୀଙ୍କୁ ବ୍ୟାଙ୍କ ଯାଇ ନିରାଶ ହୋଇ ଫେରିବାକୁ ପଡ଼ିଛି। ଏପରିକି ଅନେକ ହିତାଧିକାରୀ ବ୍ୟାଙ୍କ ଯିବା ପାଇଁ ଅକ୍ଷମ ହୋଇଥିବା ବେଳେ ସେମାନଙ୍କୁ ଅଟୋ ଭଡା କରି ବ୍ୟାଙ୍କ ଯିବାକୁ ପଡ଼ିଛି। ସେମାନେ ପାଉଥିବା ଭତ୍ତା ଏବଂ ଅଟୋ ଭଡ଼ା ପ୍ରାୟ ସମାନ ହେଇଯାଉଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ସମସ୍ୟା ଯୋଡା ବ୍ଲକର ୧୯ଟି ଯାକ ପଞ୍ଚାୟତରେ ଦେଖାଦେଉଥିବା ବେଳେ ଅଧିକାରୀମାନଙ୍କ ଖାମଖିଆଲି ନୀତି ଯୋଗୁ ଏହା ଘଟୁଥିବା ଜଣାପଡିଛି। ଅଧିକାରୀଙ୍କୁ ଅଟକ ରଖିବା ପରେ ହିତାଧିକାରୀଙ୍କର ଚଳିତ ମାସର ଭତ୍ତା ବାବଦକୁ ୩ ଲକ୍ଷ ଦେବା ପାଇଁ ଅଧିକାରୀମାନେ ସ୍ଥିର କରିଥିଲେ। କିନ୍ତୁ ଏହାକୁ ମଧ ହିତାଧିକାରୀମାନେ ବିରୋଧ କରିଥିଲେ। ବିଗତ ୩ମାସର ଭତ୍ତା ସେମାନେ ଦାବି କରିଥିଲେ। ପରିସ୍ଥିତି ଉତ୍ତେଜନା ମୂଳକ ହେବାରୁ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଚମ୍ପୁଆ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପରେ ଯୋଡା ବିଡିଓ ଜଗନ୍ନାଥ ହନୁମାନଙ୍କ ସହିତ ଅଧିକାରୀ ଯୋଗାଯୋଗ କରି ଆଉ ୩ଲକ୍ଷ ଟଙ୍କା ଦେବା ପାଇଁ ବିଡିଓଙ୍କ ନିର୍ଦ୍ଦେଶକ୍ରମେ ଯୋଡାରୁ କିଛି କର୍ମଚାରୀ ଯାଇ ବକେୟା ପୈଠ କରାଯାଇଥିବା ଅଟକ ରହିଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ବିଦ୍ୟାଧର ପାତ୍ର ଖବରଦାତାଙ୍କୁ ସୂଚନା ଦେଇଥିଲେ। ତେବେ ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କେତେକ ହିତାଧିକାରୀଙ୍କ ମୃତ୍ୟୁ ପରେ ମଧ ଜାଲ ଟିପ ଚିହ୍ନରେ ଅର୍ଥ ହଡ଼ପ କରାଯାଉଥିବା ଅଭିଯୋଗ ହୋଇଛି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ତେବେ ଗରିବ ହିତାଧିକାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଭତ୍ତା ଠିକ ସମୟରେ ମିଳୁ ନ ଥିବାରୁ ସେମାନେ ଅତ୍ୟନ୍ତ ହଇରାଣ ହେଉଥିବା ପ୍ରକାଶ କରିଛନ୍ତି। ଏହାକୁ ତୁରନ୍ତ ନିୟମିତ କରିବା ପାଇଁ ହିତାଧିକାରୀମାନେ ଦାବି କରିଛନ୍ତି।

# ଯନ୍ତ୍ରୀଙ୍କ ଦୁର୍ବ୍ୟବହାରରେ ଅତିଷ୍ଠ ହୋଇ ଧାରଣା ଦେଲେ ବିଧାୟକ



ଧାରଣାରେ ବସିଥିବା ବିଧାୟକ ଓ ଭାଜପା କର୍ମକର୍ତ୍ତାମାନେ।

**ଉଦଳା,୧୬।୮(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଉଦଳା ବିଧାୟକ ଭାସ୍କର ମଢ଼େଇଙ୍କୁ ପୂର୍ତ୍ତ ବିଭାଗ ଯନ୍ତ୍ରୀ ସନ୍ତୋଷ ପଣ୍ଡା ସର୍ବସାଧାରଣ ସ୍ଥାନରେ ଦୁର୍ବ୍ୟବହାର ଏବଂ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିବା ଥାନାରେ ଅଭିଯୋଗ ହୋଇଛି।

ସୋମବାର ବିଧାୟକ ମଢ଼େଇ ଉଦଳା ଡାକ୍ତରଖାନା ପରିଦର୍ଶନରେ ଯାଇଥିଲେ। ସେଠାରେ ଚାଲିଥିବା ନୂଆ ଡାକ୍ତରଖାନା ଗୃହ ନିର୍ମାଣ କାର୍ଯ୍ୟ ବୁଲି ଦେଖିଥିଲେ। ଉପସ୍ଥିତ ଯନ୍ତ୍ରୀ ପଣ୍ଡାଙ୍କୁ ସେ ଘର ତିଆରି ବିଷୟରେ ପଚାରିବାରୁ ଯନ୍ତ୍ରୀ ଜଣକ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଏନେଇ ବିଧାୟକ ମଢେଇ ଯନ୍ତ୍ରୀଙ୍କ ବିରୋଧରେ ଉଦଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ତାହାର ପ୍ରତିବାଦରେ ଧାରଣାରେ ବସିଥିଲେ। ବିଧାୟକଙ୍କ ସହିତ ଭାଜପା ଜିଲା ସଭାପତି କାନ୍ଦରା ସୋରେନ, ଉଦଳା ଏନ୍‌ଏସି ଚେୟାରମ୍ୟାନ ପ୍ରମିଳା ପଣ୍ଡା ଏବଂ ବହୁ ଭାଜପା ନେତା ଏହି ଧାରଣାରେ ସାମିଲ ହୋଇଥିଲେ। ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ସେ ବିଧାନସଭାରେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଥିଲେ। ପୂର୍ତ୍ତ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ନନ୍ଦଲାଲ ଘଡେଇ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ଏହା ସହିତ ଯନ୍ତ୍ରୀ ପଣ୍ଡାଙ୍କୁ ଉଦଳାରୁ ବଦଳି କରାଯାଇ ହେଡ୍‌କ୍ୱାର୍ଟର ନିଆଯାଇଥିବା କହିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ୨୪ ଭୂମିହୀନଙ୍କୁ ଆଶାର ଆଲୋକ ଦେଖାଇଲା ପ୍ରଶାସନ



ପଟ୍ଟା ପାଇଥିବା ହିତାଧିକାରୀଙ୍କ ସହ ତହସିଲଦାର ଓ ବିଧାୟକ।

**ଖଇରା,୧୬।୮(ଡି.ଏନ୍.ଏ)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନରେ ବର୍ଷ ବର୍ଷ ଧରି ଜମି ପଟ୍ଟା ଖଣ୍ଡିଏ ପାଇଁ ଅପେକ୍ଷା କରିରହିଥିବା ୨୪ ପରିବାରଙ୍କୁ ନ୍ୟାୟ ମିଳିଛି। ସ୍ୱାଧୀନତା ଦିବସରେ ରାଜସ୍ୱ ବିଭାଗ ପ୍ରତ୍ୟେକଙ୍କୁ ୪ଡିସିମିଲ ଜମି ଯୋଗାଇ ପୁଣିଥରେ ଆଶାର ଆଲୋକ ଦେଖାଇଛି।

ଖଇରା ତହସିଲ ପରିସରରେ ଆୟୋଜିତ ପଟ୍ଟାବଣ୍ଟନ କାର୍ଯ୍ୟକ୍ରମରେ ତହସିଲଦାର ମହେନ୍ଦ୍ର କୁମାର ବେହେରା ସଭାପତିତ୍ୱ କରିଥିଲେ। ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଜମି ପ୍ରତିବନ୍ଧକ ହଟିବା ପରେ ସେମାନଙ୍କୁ ସରକାରୀସ୍ତରରେ ଆବାସ ପାଇଁ ପଥ ସୁଗମ ହୋଇପାରିବ ବୋଲି କହିଥିଲେ। ଅତିରିକ୍ତ ତହସିଲଦାର ଗଦାଧର ସେଠୀ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସରପଞ୍ଚ ମାଳତୀ ସେଠୀ, ସମିତିସଭ୍ୟା ନର୍ମଦା ଦେଓ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ସୁଣ୍ଡିରା, ଗୋଳିହା, ହରିପୁର, ଝିଙ୍କିରିଆ, ଡଗରପଡା, ଗୋବିନ୍ଦପୁର ପଞ୍ଚାୟତରୁ ୨୪ଜଣଙ୍କୁ ଏହି ଭୂମିହୀନ ପଟ୍ଟା ବଣ୍ଟନ କରାଯାଇଥିଲା। ପଟ୍ଟା ପାଇଥିବା ଗୋଳିହା ମାଧବ ଗ୍ରାମର ମାଧବ ସିଂ, କଣ୍ଟାବଣିଆ ଗ୍ରାମର ଚାମରା ସିଂ ପ୍ରମୁଖ ଏହି ପଟ୍ଟା ପାଇବା ପରେ ଅତ୍ୟନ୍ତ ଖୁସି ଜାହିର କରିବା ସହ ବିଧାୟକ ତଥା ଖଇରା ତହସିଲଦାରଙ୍କୁ ଧନ୍ୟବାଦ ଦେଇଥିଲେ।

## ପାଳନ ହେଲାନି ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ

**କୁଆମରା,୧୬।୮(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକସ୍ତରୀୟ ସ୍ୱାଧୀନତା ଓ ଜନରାଜ୍ୟ ଦିବସ ଦୀର୍ଘ ବର୍ଷ ଧରି ଖୁଣ୍ଟା ମିନିଷ୍ଟାଡିୟମଠାରେ ପାଳନ ହୋଇ ଆସୁଥିଲା। ଏଥିରେ ସ୍ଥାନୀୟ ବିଧାୟକ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ଛାତ୍ରୀଛାତ୍ରୀଙ୍କ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରି ଆସୁଥିଲେ। ଏହି କାର୍ଯ୍ୟକ୍ରମରେ ଖୁଣ୍ଟା ଓ ଗୋପବନ୍ଧୁ ନଗର ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥାନ୍ତି। ମାତ୍ର ବ୍ଲକ ପ୍ରଶାସନର ଇଚ୍ଛା ଶକ୍ତି ଅଭାବ ଯୋଗୁ ଚଳିତ ବର୍ଷ ଏହି ପରମ୍ପରା ଭାଙ୍ଗିଥିବା ଜଣାପଡ଼ିଛି। ସ୍ୱାଧୀନତା ଦିବସ ପାଳନ ପାଇଁ ମଧ ପ୍ରତି ବର୍ଷ ଭଳି କୌଣସି ପ୍ରସ୍ତୁତି ବୈଠକ ହୋଇ ନ ଥିଲା। ଏ ନେଇ ବିଡିଓ ସଂଗ୍ରାମ କେଶରୀ ଭୋଳଙ୍କୁ ପଚାରିବାରୁ କୋଭିଡ୍ ପାଇଁ କାର୍ଯ୍ୟକ୍ରମ ବନ୍ଦ କରିବାକୁ ଚିଠି ଆସିଥିଲା ବୋଲି କହିଛନ୍ତି।

# ଖବରକାଗଜ ବିତରକ ସଂଘ ପକ୍ଷରୁ ସ୍ୱାଧୀନତା ଦିବସ



ଖବରକାଗଜ ବିତରକ ସଂଘ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ କରାଯାଉଛି।

**ବାଲେଶ୍ୱର ଅଫିସ, ୧୬।୮**

ବାଲେଶ୍ୱର ରେଳ ଷ୍ଟେସନ ପରିସର ଖବରକାଗଜ ବିତରଣ କେନ୍ଦ୍ର ପରିସରରେ ବାଲେଶ୍ୱର ଖବରକାଗଜ ବିତରକ ସଂଘ ପକ୍ଷରୁ ୭୬ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ ବିଜେଡି ଜିଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଆମେ ଭାରତୀୟ ବୋଲି ଗର୍ବ ଅନୁଭବ କରୁଛୁ। ଗୋଟିଏ ଡୋରିରେ ବନ୍ଧା ହୋଇ ଦେଶର ଉନ୍ନତିରେ ସାମିଲ ହେବା। ଖବରକାଗଜ ବିତରକ ସଂଘ ସଭାପତି ଅରୁଣ କୁମାର ସ୍ୱାଇଁ, ସମ୍ପାଦକ ଅନିରୁଦ୍ଧ ଲେଙ୍କା, ଉପସଭାପତି ଅଭୟ ପ୍ରଧାନ, କୋଷାଧକ୍ଷ ଯୋଗେନ୍ଦ୍ର ତପସ୍ୱୀ, ଗୌରଗୋପାଳ ଦାସ, କରୁଣାକର ରାଉତ, କମଳଲୋଚନ ରାଉତ, ରତିକାନ୍ତ ରାଉତ, ବିଜୟ ସେନ, ଶଶୀକାନ୍ତ କୁଅଁର ପ୍ରମୁଖ ଖବରକାଗଜ ବିତରକମାନେ ଯୋଗଦେଇଥିଲେ।

## ସ୍ୱାଧୀନତା ସଂଗ୍ରାମୀ ଗୋକୁଳାନନ୍ଦ ମହାନ୍ତିଙ୍କ ଉଦ୍ଦେଶ୍ୟରେ ଜାତୀୟ ପତାକା ସମର୍ପିତ

**ଭଦ୍ରକ ଅଫିସ,୧୬।୮**

ଭଦ୍ରକର ମହାତ୍ମାଗାନ୍ଧୀ ବିଚାର ମଞ୍ଚ ଓ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପୂର୍ବତନ ଏମ୍‌ପି ଓ ବିଧାୟକ ସ୍ୱର୍ଗତ ଗୋକୁଳାନନ୍ଦ ମହାନ୍ତିଙ୍କ କୁଆଁସ ସ୍ଥିତ ସମାଧୀ ପୀଠରେ ଜାତୀୟ ପତାକା ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଦାରା ସମର୍ପିତ କରାଯାଇଛି। ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଭାପତି ଅଖିଳ କୁମାର ପାଢ଼ୀ ସ୍ୱର୍ଗତ ମହାନ୍ତିଙ୍କର ଜନ୍ମ ସ୍ଥାନ ଗୋକୁଳ ଧାମ ପରିସରରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମହାତ୍ମା ଗାନ୍ଧୀ ବିଚାର ମଞ୍ଚର ସଭାପତି ଶାନ୍ତନୁ ରାଉତ ଗାନ୍ଧୀଙ୍କ ବିଚାର ଧାରାରେ ଯୁବପିଢି ଅନୁପ୍ରାଣୀତ ହେବାକୁ ଶପଥ ନେବା ପାଇଁ ଆହ୍ୱାନ ଦେଇଥିଲେ। ଡ. ରାଧାରାଣୀ ମହାପାତ୍ର, ଆଇନଜୀବୀ ତୁଷାର ମହାନ୍ତି ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲଲାଟେନ୍ଦୁ ମହାନ୍ତି, ଅମର କୁମାର ପାଣିଗ୍ରାହୀ, ବିରେନ୍ଦ୍ର ଦାସ, ଯୁଗଳ କିଶୋର ମହାପାତ୍ର, ଲକ୍ଷ୍ମୀକାନ୍ତ ବାରିକ, ଅରୁପାନନ୍ଦ ନାୟକ ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ପୂର୍ବକ ଜାତୀୟ ପତାକା ସର୍ମପଣ କରିଥିଲେ।

# 'ଦେଶାତ୍ମବୋଧକ କବିତା ଜାତୀୟତାବୋଧ ଜାଗ୍ରତ କରେ'

**ଭଣ୍ଡାରିପୋଖରୀ, ୧୬।୮(ସ୍ୱ.ପ୍ର.)**

ସ୍ୱାଧୀନତା ସଂଗ୍ରାମ ସମୟରେ ଦେଶାତ୍ମବୋଧକ କବିତା ଜନତାଙ୍କୁ ଦେଶପ୍ରୀତିରେ ଉଦ୍‌ବୁଦ୍ଧ କରାଇଥିଲା। ଏହା ଜାତୀୟତାବୋଧ ଜାଗ୍ରତ କରିଥାଏ ବୋଲି ଓଡିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଭଣ୍ଡାରିପୋଖରୀ ସାହିତ୍ୟ ସଂସଦ ସହଯୋଗରେ ସ୍ୱାଧୀନତାର ଅମୃତ ଉତ୍ସବ ଅବସରରେ ଆୟୋଜିତ କବିତାପାଠ କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ସ୍ଥାନୀୟ ଶାରଦା ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ଦେଶାତ୍ମବୋଧକ କବିତା ପାଠୋତ୍ସବକୁ ଧାମନଗର ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧକ୍ଷ ସୁରଞ୍ଜନ ପଣ୍ଡା ଉଦ୍‌ଘାଟନ କରିଥିଲେ। ଭଣ୍ଡାରିପୋଖରୀ ସାହିତ୍ୟ ସଂସଦ କାର୍ଯ୍ୟକାରୀ ସଭାପତି ପ୍ରକାଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ



ଭଣ୍ଡାରିପୋଖରୀଠାରେ ସାହିତ୍ୟ ଏକାଡେମୀ ପକ୍ଷରୁ କବିତା ପାଠୋତ୍ସବ।

ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ପବିତ୍ର ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ବହଳି, ଗଣେଶ ପ୍ରସାଦ କରଶର୍ମା, ଶାରଦା ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ସାହିତ୍ୟ ସଂସଦ ସମ୍ପାଦକ ପବନ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବନ୍ତ ଓ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳର କବି ଗୋବିନ୍ଦ ଚନ୍ଦ୍ର ବାରିକ, ପ୍ରକାଶ ମହାପାତ୍ର, ସୁରଞ୍ଜନ ପଣ୍ଡା, ଶରତ ଚନ୍ଦ୍ର ମହାପାତ୍ର, ପବନ କୁମାର ନାୟକ, ଗଣେଶ ପ୍ରସାଦ କରଶର୍ମା, ଜଗନ୍ନାଥ ପାତ୍ର, ଚକ୍ରଧର ପଣ୍ଡା, ନାରାୟଣ ଲେଙ୍କା, ଭାସ୍କର ଚନ୍ଦ୍ର ପାଢ଼ୀ, ମୁରଲୀଧର ଦାସ, ବିଚିତ୍ରାନନ୍ଦ ଜେନା, ସୁକାନ୍ତ ବେହେରା, ସନ୍ତୋଷ କୁମାର ସାହୁ, ଜଗନ୍ନାଥ ପଣ୍ଡା, ରମାକାନ୍ତ ବେହେରା, ଜଗନ୍ନାଥ ସାମଲ, କେଶବ ଚନ୍ଦ୍ର ସେଠୀ, ବିନୋଦ ବାରିକ, ଗୁରୁଚରଣ ସାହୁ, ବ୍ରଜକିଶୋର ମହାନ୍ତି ଓ ବସନ୍ତ କୁମାର ସାହୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଗୁରୁଚରଣ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଜେଏସ୍‌ପି, ଟାଟା ଷ୍ଟିଲ୍‌ରେ ସ୍ୱାଧୀନତା ଦିବସ

**ଯୋଡ଼ା ,୧୬।୮(ଡି.ଏନ୍.ଏ.)**

୭୫ତମ ପୂର୍ତ୍ତି ଅବସରରେ ବଡ଼ବିଲ ପିଲେଟ ପ୍ଲାଣ୍ଟ, ଟେନସା ଏବଂ କାସିଆ ଆଇରନ ମାଇନ୍ସରେ ବହୁ ଉତ୍ସାହର ସହିତ ପାଳନ କରାଯାଇଥିଲା। ୟୁନିଟ ହେଡସ, ବ୍ରିଜ ବଧଦ୍ରୁ, ପ୍ରମୋଦ କୁମାର ପାତ୍ର ଏବଂ ଅଜିତ କୁମାର ପାତ୍ର ଯଥାକ୍ରମେ ବଡ଼ବିଲ ପିଲେଟ ପ୍ଲାଣ୍ଟ, ଟେନସା ଏବଂ କାସିଆ ଆଇରନ ମାଇନ୍ସରେ ୟୁନିଟ ସ୍ତରର ସ୍ୱାଧୀନତା ଦିବସ ପାଳନ କାର୍ଯ୍ୟକ୍ରମରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପତାକା ଉତ୍ତୋଳନ ପରେ ସେମାନେ ଜେଏସ୍‌ପିର ଅଧକ୍ଷ ନବୀନ ଜିନ୍ଦଲଙ୍କର ସ୍ୱାଧୀନତା ଦିବସ ଭାଷଣ ପଢି ଶୁଣାଇଥିଲେ। ଏହାପରେ କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମଚାରୀଙ୍କୁ ସମ୍ବୋଧିତ କରିଥିଲେ। ମୁଖ୍ୟ ପିଲେଟ ଓ ଆଇରନ ଓର ବିଜନେସ ଆଶିଷ ପାଣ୍ଡେ, ତାଙ୍କ ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି, ଜେଏସପି ରାଷ୍ଟ୍ର ନିର୍ମାଣ ଏବଂ ବିକାଶ ପାଇଁ ପ୍ରତିବଦ୍ଧ। ସେହିପରି ଟାଟା ଷ୍ଟିଲ ମୁଖ୍ୟ ସରୋଜ କୁମାର୍ ବାନାର୍ଜୀ ଜେସିଓ କାର୍ଯ୍ୟାଳୟରେ ଜାତୀୟପତାକା ଉତ୍ତୋଳନ କରିଥିଲେ। ଏଥିରେ କମ୍ପାନୀର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ସଂଘର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ। କମ୍ପାନୀ ମୁଖ୍ୟ ବାନାର୍ଜୀ କହିଥିଲେ ଯେ, ଚଳିତ ବର୍ଷ ଆଜାଦି କା ଅମୃତ ମହୋତ୍ସବ ପାଳନ କରାଯାଉଛି। ଏହି ଅବସରରେ ଏକ ଆତ୍ମ ନିର୍ଭରଶୀଳ ଭାରତ ଗଠନ ପାଇଁ ସମସ୍ତ ରାଷ୍ଟ୍ର ନିର୍ମାଣକାରୀ କାର୍ଯ୍ୟକ୍ରମରେ ନିଜର ସର୍ବଶ୍ରେଷ୍ଠ ଯୋଗଦାନ ଦେବା। ଏହି ସମାରୋହରେ ୩୦ ଜଣ ନିରାପତ୍ତା ଓ ଅଗ୍ନିଶମ ଅଧିକାରୀଙ୍କୁ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସମ୍ମାନିତ କରାଯାଇଥିଲା। ଏହାପରେ ପରବର୍ତ୍ତୀ ସମୟରେ ଟାଟାଷ୍ଟିଲ ଯୋଡ଼ା ଡ଼ାକ୍ତରଖାନାରେ ରୋଗୀ ଙ୍କୁ ଫଳ ବଣ୍ଟନ କରାଯାଇଥିଲା।

# ଦୃଢ଼ ଡିଜିଟାଲ ବ୍ୟବସ୍ଥା ସୃଷ୍ଟି ପାଇଁ ଟିପିଏନ୍‌ଓଡିଏଲ୍ ସହ ଏୟାରଟେଲ୍‌ର ସହଯୋଗିତା

**ବାଲେଶ୍ୱର ଅଫିସ, ୧୬।୮**

ବାଲେଶ୍ୱର ରେମୁଣା ଗୋଲେଇ ସ୍ଥିତ ଟାଟା ପାୱାର ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ଅଫିସ୍ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଟିପିଏନ୍‌ଓଡିଏଲ୍‌ରେ ଦୃଢ଼ ଡିଜିଟାଲ୍ ବ୍ୟବସ୍ଥା ସୃଷ୍ଟି କରିବା ପାଇଁ ଏୟାରଟେଲ୍ ପେମେଣ୍ଟସ ବ୍ୟାଙ୍କ୍ ସହ ସହଯୋଗିତା ଏକ ମାଇଲ୍‌ଖୁଣ୍ଟ ହେବ ବୋଲି ଟିପିଏନ୍‌ଓଡିଏଲ୍‌ର ସିଇଓ ଭାସ୍କର ସରକାର ପ୍ରକାଶ କରିଛନ୍ତି।

ଉତ୍ତର ଓଡ଼ିଶାରେ ପ୍ରାୟ ୯୭ଲକ୍ଷ ଜନସଂଖ୍ୟା ବିଶିଷ୍ଟ ୨୭,୯୨୦ ବର୍ଗ କି.ମି. ବ୍ୟାପୀ ବିସ୍ତୃତ ବିତରଣ ଅଞ୍ଚଳରେ ଟିପିଏନ୍‌ଓଡିଏଲ୍‌ର ରହିଥିବା ୨୦ ଲକ୍ଷରୁ ଅଧିକ ପଞ୍ଜୀକୃତ ଗ୍ରାହକଙ୍କୁ ସମନ୍ୱିତ ବିଲ୍ ପେମେଣ୍ଟ (ପଇଠ) ସମାଧାନ ପ୍ରଦାନ କରିବା ପାଇଁ ଭାରତର ପ୍ରିମିୟର୍ ଯୋଗଯୋଗ ସମାଧାନ ପ୍ରଦାନକାରୀ ଭାରତୀ ଏୟାରଟେଲ୍ ସହ ବୁଝାମଣା କରାଯାଇଛି। ଏହି ସହଯୋଗିତା ସହ ଟିପିଏନ୍‌ଓଡିଏଲ୍‌ର ଗ୍ରାହକମାନେ ଉତ୍ତରଓଡ଼ିଶାରେ ଥିବା ଏୟାରଟେଲ୍ ପେମେଣ୍ଟସ ବ୍ୟାଙ୍କ୍‌ର ୪୦୦୦ରୁ ଅଧିକ ବ୍ୟାଙ୍କିଂ ଆଉଟ୍‌ଲେଟ୍ ଜରିଆରେ ଏବେ ସେମାନଙ୍କ ବିଲ୍ ପଇଠ କରିପାରିବେ। ଏହି ପ୍ରକ୍ରିୟା ଅତ୍ୟନ୍ତ ସରଳ। ଗ୍ରାହକମାନେ ଷ୍ଟୋର୍ ପରିଦର୍ଶନ କରି ବ୍ୟାଙ୍କିଂ ପଏଣ୍ଟରେ ନିଜର ମୋବାଇଲ୍ ନମ୍ବର ଓ ଗ୍ରାହକ ନମ୍ବର ଦେବାକୁ ହେବ। ଟିପିଏନ୍‌ଓଡ଼ିଏଲ୍ ପକ୍ଷରୁ ମିଳିଥିବା ଓଟିପିକୁ ପେମେଣ୍ଟ ସହିତ ବ୍ୟବସାୟୀ (ମର୍ଚାଣ୍ଟ)ଙ୍କୁ ଦେବାକୁ ପଡ଼ିବ। ଏହି ସହଯୋଗିତା ଜରିଆରେ ସମୟ ଓ ସୁରକ୍ଷିତ ପେମେଣ୍ଟ ବ୍ୟବସ୍ଥା ସହ ଗ୍ରାହକଙ୍କୁ ସଶକ୍ତ କରିବ




ଖବରଦାତା ସମ୍ମିଳନୀରେ ଏୟାରଟେଲ୍ ଓ ଟିପିଏନ୍‌ଓଡିଏଲ୍ ଅଧିକାରୀ।

ଓ ସପ୍ତାହର ୭ଦିନ ଉପଲବ୍ଧ ହେବ। ପୁନଃ ଏହି ବ୍ୟବସ୍ଥା ସହ ପେମେଣ୍ଟ ଚକ୍ରକୁ ହ୍ରାସ କରାଯାଇପାରିବ ବୋଲି ଆକଳନ କରାଯାଇଛି। ନିର୍ଦ୍ଧାରିତ ତାରିଖ ଭିତରେ ଗ୍ରାହକ ବିଲ୍ ପେମେଣ୍ଟ କଲେ ୫% ପର୍ଯ୍ୟନ୍ତ ରିହାତି ମିଳିବ। ପୂର୍ବରୁ ଗ୍ରାହକମାନଙ୍କୁ ସେମାନଙ୍କ ଘର ପାଖରେ ବିବିଧ ପେମେଣ୍ଟ ବିକଳ୍ପ ପ୍ରଦାନ କରିବା ଲାଗି ଟିପିଏନ୍‌ଓଡିଏଲ୍ ନିରନ୍ତର ଭାବେ କାମ କରୁଛି। ମୋ ସେବା କେନ୍ଦ୍ର, ସିଏସ୍‌ସି ସମେତ ବିବିପିଏସ୍, ଟିପିଏନ୍‌ଓଡିଏଲ୍ ୱେବସାଇଟ୍ ଓ ମାଇଁ ଟାଟା ପାୱାର ଆପ୍ ଭଳି ଡିଜିଟାଲ୍ ପେମେଣ୍ଟ ବିକଳ୍ପ ଜରିଆରେ ବିଦ୍ୟୁତ ବିଲ୍ ପଇଠ ସୁବିଧା ପ୍ରଦାନ କରାଯାଇଥିବା ପ୍ରକାଶ କରିଛନ୍ତି। ଭାରତୀ ଏୟାରଟେଲ୍‌ର ଚିଫ୍ ଅପରେଟିଂ ଅଫିସର ସୌମେନ୍ଦ୍ର ସାହୁ କହିଛନ୍ତି ଯେ, 'ବିଦ୍ୟୁତ୍ ନିୟାମକ ସଂଶୋଧନ ବିଲ୍ ସଂସଦରେ ଉପସ୍ଥାପନ କରାଯାଇଥିବାରୁ ଭାରତର ବିଦ୍ୟୁତ୍ କ୍ଷେତ୍ର ବଡ଼ଧରଣର ପରିବର୍ତ୍ତନ ଦ୍ୱାରଦେଶରେ ରହିଛି। ଯାହା ରାଜସ୍ୱ ବାଟମାରଣାକୁ ହ୍ରାସ କରିବା ଲାଗି ପ୍ରଯୁକ୍ତି ସହିତ ଉଭୟ ଫ୍ରଣ୍ଟ୍ ଆଣ୍ଡ ଓ ବ୍ୟାକ ଆଣ୍ଡ ସମନ୍ୱିତ କରି ଏହି କ୍ଷେତ୍ରରେ ଆଗୁଆ ପଦକ୍ଷେପ ଗ୍ରହଣ କରିବାରେ ଅନ୍ୟତମ ସଂସ୍ଥା। ଏକ ଦୀର୍ଘସ୍ଥାୟୀ ସହଯୋଗିତା ଓ ପ୍ରଯୁକ୍ତି କିଭଳି ଲାଭଜନକ ସେବା ପ୍ରଦାନ କରିପାରେ ତାହା ଅନ୍ୟ ୟୁଟିଲିଟିଗୁଡ଼ିକୁ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି। ଟିପିଏନ୍‌ଓଡିଏଲ୍‌ର ଗ୍ରାହକ ସହାୟତା ସେବା ମୁଖ୍ୟ ସୁନୀଲ ଭଞ୍ଜର, ଟିପିଏନଓଡିଏଲ୍‌ର ମାନବ ସମ୍ବଳ ଓ ପ୍ରଶାସନିକ ମୁଖ୍ୟ ଶ୍ରୀବଲ୍ଲଭ ସିଂହ, ଟିପିଏନଓଡିଏଲ୍‌ର ପିଆର୍‌ଓ ଚିତ୍ତରଞ୍ଜନ ପ୍ରଧାନ, ଏୟାରଟେଲ୍‌ର ବରିଷ୍ଠ ଉପସଭାପତି (ଆଲାଏନ୍ସ) ପ୍ରସାଦ ରାଉତରାୟ, ଏୟାରଟେଲ୍ ପେମେଣ୍ଟସ ବ୍ୟାଙ୍କର ରାଜ୍ୟ ମୁଖ୍ୟ ବିଶ୍ୱଜିତ ମହାପାତ୍ର ଓ ଏୟାରଟେଲ୍ ଓଡ଼ିଶାର ମୁଖ୍ୟ (ଆଲାଏନ୍ସ) ପ୍ରଶାନ୍ତ ମିଶ୍ର ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

